ଗୋଟିଏ ମାରାତ୍ମକ ମିଥ୍ୟା କହି ଜଣେ ଯଦି ତାକୁ ସତ୍ୟ ବୋଲି ପ୍ରମାଣିତ କରିଦେଇ ପାରିଲା, ତେବେ ସେ ହିଁ ସବୁଠାରୁ ବିପଜ୍ଜନକ ଲୋକ।
- ସିସେରୋ



## ସଂକ୍ଷେପରେ

### ରାସ୍ତା ମରାମତି ଦାବି
## ଦାବି ପୂରଣ ନ ହେଲେ ରାସ୍ତାରୋକୋ ଚେତାବନୀ

ଜମନକିରା,୧।୮(ଡି.ଏନ୍.ଏ.): ସମ୍ବଲପୁର ଜିଲା ଜମନକିରା ବ୍ଲକ ସଦର ମହକୁମା ୫୩ ନମ୍ବର ଜାତୀୟ ରାଜପଥରୁ ଭୋଜପୁର ୪୯ନମ୍ବର ରାଜପଥକୁ ସଂଯୋଗ କରୁଥିବା ରାସ୍ତା ଶୋଚନୀୟ ହୋଇପଡ଼ିଛି। ରାସ୍ତା ମରାମତି ନେଇ ସ୍ଥାନୀୟ ଲୋକେ ବାରମ୍ବାର ଅଭିଯୋଗ କରୁଥିବା ବେଳେ ବିଭାଗ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉ ନ ଥିବା ଜଣାପଡିଛି। ଏନେଇ ଜନସାଧାରଣଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଅନ୍ୟପକ୍ଷେ ୧୪ କି.ମି. ରାସ୍ତାରୁ ୪ କି.ମି. ରାସ୍ତା ନିର୍ମାଣ ହୋଇଥିବା ବେଳେ ବାକି ୧୦କି.ମି. ରାସ୍ତା ଖାଲ ଖମାରେ ଭର୍ତ୍ତି ହୋଇ ରହିଛି। ଏନେଇ ରାସ୍ତାରେ ବିଭିନ୍ନ ସମୟରେ ଦୁର୍ଘଟଣା ଘଟି ଧନ ଜୀବନ କ୍ଷତିଗ୍ରସ୍ତ ହେଉଛି। ତେବେ ଆଗାମୀ ୧୫ ଦିନ ମଧ୍ୟରେ ରାସ୍ତା ମରାମତି କାମ କରା ନ ଗଲେ ରାସ୍ତାରୋକୋ ଆନ୍ଦୋଳନ କରାଯିବ ବୋଲି ବୁଦ୍ଧିଜୀବୀ ମହଲରେ ପ୍ରକାଶ ପାଇଛି। ଏସଂକ୍ରାନ୍ତରେ କୁଚିଣ୍ଡା ସହକାରୀ ଯନ୍ତ୍ରୀ ସତ୍ୟବାନ ପଟେଲଙ୍କୁ ପଚାରିବାରୁ ରାସ୍ତା ନିର୍ମାଣ ନେଇ ଟେଣ୍ଡର ଡକାଯାଇଥିଲା ମାତ୍ର ଟଙ୍କା ପଇଠ କରାଯାଇ ନ ଥିବାରୁ ପୁଣି ଟେଣ୍ଡର କରାଯିବ। ଖୁବ୍ ଶୀଘ୍ର ରାସ୍ତା ମରାମତି କାମ କରାଯିବ ବୋଲି କହିଥିଲେ।

## ମହିଳାଙ୍କ ଆତ୍ମହତ୍ୟା ଘଟଣା, ସ୍ୱାମୀ ଗିରଫ

ରେଙ୍ଗାଲି,୧।୮(ଡି.ଏନ.ଏ.)- ସମ୍ବଲପୁର ଜିଲା ରେଙ୍ଗାଲି ଥାନା ଅଧୀନ ଲାରିପାଲି ଗ୍ରାମରେ ମହିଳାଙ୍କ ଆତ୍ମହତ୍ୟା ଘଟଣାରେ ରେଙ୍ଗାଲି ପୋଲିସ ମହିଳାଙ୍କ ସ୍ୱାମୀଙ୍କୁ ଗିରଫ କରି ଗୁରୁବାର କୋର୍ଟ ଚାଲାଣ କରିଛି। ସେ ହେଲେ ମାନଭଞ୍ଜନ ଦାସ। ସୂଚନାଯୋଗ୍ୟ, ଗତ ମଙ୍ଗଳବାର ପାରିବାରିକ କଳହକୁ କେନ୍ଦ୍ର କରି ଲାରିପାଲି ଗ୍ରାମର ମାନଭଞ୍ଜନଙ୍କ ସ୍ତ୍ରୀ ଅଭିନିତା ବେକରେ ଶାଢ଼ୀ ବାନ୍ଧି ଆତ୍ମହତ୍ୟା କରିଥିଲେ। ବୁଧବାର ଅଭିନିତାଙ୍କ ବାପା ଗୋପବନ୍ଧୁ ଷଡଙ୍ଗୀ ଝିଅକୁ ଯୌତୁକ ନିର୍ଯାତନା ଦେଇ ହତ୍ୟା କରାଯାଇଥିବା ନେଇ ରେଙ୍ଗାଲି ଥାନାରେ ଏକ ଅଭିଯୋଗ କରିଥିଲେ। ପୋଲିସ ଅଭିଯୋଗକୁ ଭିତ୍ତିକରି ଏକ ମାମଲା ରୁଜୁ କରି ମାନଭଞ୍ଜନଙ୍କୁ ଗୁରୁବାର ଗିରଫ କରିଥିଲା।

## ଛାତ୍ରୀଛାତ୍ରଙ୍କୁ ଶିକ୍ଷାଦାନ ନିଷ୍ପତ୍ତି

ପଡିଆବାହାଲ,୧।୮(ଡି.ଏନ.ଏ.): ସମ୍ବଲପୁରୀ ଦିବସ ଅବସରରେ ବାହାମ ପଞ୍ଚାୟତ ବଡତୁରାଙ୍ଗ ଗ୍ରାମ ରାଧାକୃଷ୍ଣ ସ୍ପୋର୍ଟିଂ କ୍ଲବ ପକ୍ଷରୁ ଏକ ଭିନ୍ନ ପ୍ରୟାସ ଆରମ୍ଭ ହୋଇଛି। ପୋଷ୍ୟ ସ୍କୁଲ ଭାବେ ଗ୍ରହଣ କରାଯାଇଥିବା ବଡତୁରାଙ୍ଗ ପ୍ରାଥମିକ ବିଦ୍ୟାଳୟର ୪ର୍ଥ ଓ ୫ମ ଶ୍ରେଣୀର ଛାତ୍ରୀଛାତ୍ରମାନଙ୍କୁ ୨ଘଣ୍ଟା ମାଗଣାରେ କୋଚିଂ ଦେବାକୁ ନିଷ୍ପତ୍ତି ନିଆଯାଇଛି । ପୂର୍ବରୁ ଶିକ୍ଷା, ସ୍ୱାସ୍ଥ୍ୟ ଓ କ୍ରୀଡାର ଉନ୍ନତି ନିମନ୍ତେ ବ୍ଲକ ସଦସ୍ୟଙ୍କ ସହଯୋଗିତା ରହିଛି । ଛାତ୍ରୀଛାତ୍ରଙ୍କ ଭବିଷ୍ୟତକୁ ଦୃଷ୍ଟିରେ ରଖିଏଭଳି ନିଷ୍ପତ୍ତି ନିଆଯାଇଥିବା କ୍ଲବ ସମ୍ପାଦକ ସୁନୀଲ କୁମାର ଭୋଇ ସୂଚନା ଦେଇଛନ୍ତି ।

## ବନ୍ୟା ନିୟନ୍ତ୍ରଣ ଲାଗି ୬ରେ ବୈଠକ

ସମ୍ବଲପୁର,୧।୮(ବ୍ୟୁରୋ)- ମହାନଦୀରେ ବନ୍ୟା ନିୟନ୍ତ୍ରଣ ପାଇଁ ଓଡ଼ିଶା ଓ ଛତିଶଗଡ଼ ରାଜ୍ୟ ମଧ୍ୟରେ ଏକ ବୈଠକ ଅନୁଷ୍ଠିତ ହେବାନେଇ ସ୍ଥିର ହୋଇଛି। ଅଗଷ୍ଟ ୬ ତାରିଖ ରାୟପୁରଠାରେ ଏହି ବୈଠକ ଅନୁଷ୍ଠିତ ହେବ । ଏଥିରେ ବନ୍ୟା ପରିଚାଳନା ସମ୍ପର୍କରେ ଆଲୋଚନା କରାଯିବ ।

## ନର୍ସ ପଦବୀ ବୃଦ୍ଧି ଦାବି
### ସିଡିଏମ୍ଓଙ୍କୁ ଭେଟିଲେ ନର୍ସ ସଂଘ

ସମ୍ବଲପୁର,୧।୮(ବ୍ୟୁରୋ): ସମ୍ବଲପୁର ଜିଲା ସଦର ଡାକ୍ତରଖାନରେ ବିଭିନ୍ନ ସମସ୍ୟା ଲାଗି ରହିଛି । ମୁଖ୍ୟତଃ ନର୍ସମାନଙ୍କ ସମସ୍ୟା ରହିଛି। ଡାକ୍ତରଖାନାରେ ଆବଶ୍ୟକ ନର୍ସ ନ ଥିବାରୁ ରୋଗୀ ସେବା ବ୍ୟାହତ ହେଉଛି। ଏନେଇ ଡାକ୍ତରଖାନାରେ ତୁରନ୍ତ ନର୍ସ ସଂଖ୍ୟା ବୃଦ୍ଧି କରିବାକୁ ସିଡିଏମ୍ଓ ଡାକ୍ତର ପଙ୍କଜିନୀ ପଣ୍ଡାଙ୍କୁ ନର୍ସ ସଂଘ ପକ୍ଷରୁ ଦାବି କରାଯାଇଥିଲା। ଉଚ୍ଚ ଅଧିକାରୀଙ୍କ ସହ ଆଲୋଚନା କରି ୩ ଦିନ ମଧ୍ୟରେ ସମସ୍ୟାର ସମାଧାନ କରାଯିବ ବୋଲି ସିଡିଏମ୍ଓ ପଣ୍ଡା ପ୍ରତିଶ୍ରୁତି ଦେଇଥିଲେ।





ଗୁରୁବାର ସମ୍ବଲପୁରୀ ଦିନ୍ ଉତ୍ସବରେ ସାଇ ଶିକ୍ଷା ପରିଷଦ କଳାକାରମାନେ ନୃତ୍ୟ କରିବାକୁ ମଞ୍ଚକୁ ଯାଉଛନ୍ତି (ବାମ)। ଦୟାନନ୍ଦ ପବ୍ଲିକ ସ୍କୁଲ ଛାତ୍ରୀଙ୍କ ନୃତ୍ୟ (ମଝି)। ଉତ୍ସବରେ ଦୁଇ ନୃତ୍ୟ କଳାକାର ।




ସମ୍ବଲପୁରରେ ମାରୱାଡି ମହିଳା ସମିତି କର୍ମକର୍ତ୍ତା ସମ୍ବଲପୁରୀ ଶାଢ଼ୀ ପିନ୍ଧି ଶୁଭେଚ୍ଛା ଜଣାଉଛନ୍ତି (ବାମ)। ମହାତ୍ମା ଗାନ୍ଧୀ ବେଶରେ ଜଣେ କଳାକାର ଛିଡା ହୋଇଛନ୍ତି ।




ପଦ୍ମଶ୍ରୀ ଜିତେନ୍ଦ୍ର ହରିପାଲ ଓ ପ୍ରିୟଦର୍ଶନୀ ନାଥ ଗୀତ ଗାନ କରୁଛନ୍ତି ।



କପଡା ଓ ଶାଢ଼ୀ ଷ୍ଟଲରେ ଭିଡ ।

# ସମ୍ବଲପୁରୀ ଦିନ୍...

- ନୃତ୍ୟ, ଗୀତରେ କମ୍ପିଲା ରାଜରାସ୍ତା
- ରଙ୍ଗବେରଙ୍ଗ ସମ୍ବଲପୁରୀ ପୋଷାକ ଝଟକିଲା

ସମ୍ବଲପୁର,୧।୮(ବ୍ୟୁରୋ)

କାହିଁ ଗଲା ସେ ଗୀତ କେନ ହଜିଗଲା ସମ୍ବଲପୁରୀ, ଘୁମୁରି ଘୁମୁରି ହାଏରେ କାନ୍ଦୁଛେ ମହୁରୀ... । ଏହି ଲୋକଗୀତର ତାଳରେ ସମ୍ବଲପୁରୀ ଦିନ୍ ଉତ୍ସବ ଶୁଭାରମ୍ଭ ହୋଇଥିଲା। କଣ୍ଠଶିଳ୍ପୀ ପଦ୍ମିନୀ ଦୋରାଙ୍କ କଣ୍ଠରୁ ଝରି ପଡିଥିଲା ଏହି ପାରମ୍ପରିକ ଗୀତ। ସେହିପରି ଝରିରେ ଝରା ଗଞ୍ଜାଫୁଲ ହଳଦିଆ..., ମତେ ଲାଜ ଲାଗୁଛେ ନାଇଁ ଯାଏଁ ବଜାର ବୁଲି..., କାନେ ଚାବେ କାନ କୁଟୁରୁ..., ବାଜୁଛେ ବଇଁଶୀ.... ପ୍ରଭୃତି ଲୋକଗୀତର ତାଳରେ ଉତ୍ସବ ଝୁମି ଉଠିଥିଲା। ଶିଶୁ ଓ ବରିଷ୍ଠ କଳାକାରଙ୍କ ସମ୍ବଲପୁରୀ, ରସରକେଲି, ମାଇଲାଜଡ ନୃତ୍ୟରେ ଦର୍ଶକ ବିଭୋର ହୋଇଥିଲେ। ପାରମ୍ପରିକ ଆମ୍ବିଲ ମହକ ଜନସାଧାରଣଙ୍କୁ ଆକୃଷ୍ଟ କରିଥିଲା। ପଶ୍ଚିମାଞ୍ଚଳ ଏକତା ମଞ୍ଚ ଆବାହକ ଭବାନୀଶଙ୍କର ଭୋଇଙ୍କ ପରିଚାଳନାରେ ଗୁରୁ ସତ୍ୟନାରାୟଣ ବହିଦାରଙ୍କ ଜୟନ୍ତୀ ତଥା ସମ୍ବଲପୁରୀ ଦିନ୍ ସମ୍ବଲପୁର ଜେଲ ଛକ- କଚେରି ଛକ ରାସ୍ତାରେ ପାଳିତ ହୋଇଥିଲା। ସମ୍ବଲପୁର ଜିଲାପାଳ ଶୁଭମ୍ ସକସେନା, ଡିଏଫଓ ଡ. ସଞ୍ଜିତ କୁମାର ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ପରେ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା। ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ର, ରେଙ୍ଗାଲି ବିଧାୟକ ନାଉରୀ ନାୟକ, ସମ୍ବଲପୁର ଜିଲାପରିଷଦ ସଭାପତି ରାଧେଶ୍ୟାମ ବାରିକ, ପୂର୍ବତନ ବିଧାୟିକା ରାସେଶ୍ୱରୀ ପାଣିଗ୍ରାହୀ, ବିଜେଡି ନେତା ପ୍ରମୋଦ କୁମାର ରଥ, ଯୁବ ନେତା ସିଦ୍ଧାର୍ଥ ସାହା, ଡା. ରାଜକୁମାର ବଡପଣ୍ଡା ସମ୍ମାନୀତ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ନୃତ୍ୟଗୁରୁ ରଣଜିତ କୁମାର ନାଗଙ୍କୁ ମାନପତ୍ର ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ନୃତ୍ୟଗୁରୁ ରଞ୍ଜିତ କୁମାର ସାହୁ, ନୃତ୍ୟଶିଳ୍ପୀ ଚୁମକି ବୈଠାରୁ ଓ ସମାପ୍ତା ଦାଶ, କଣ୍ଠଶିଳ୍ପୀ ରାଜକୁମାର ଜାଲଙ୍କୁ ସମ୍ମାନୀତ କରାଯାଇଥିଲା। ଗୁରୁ ରତନ କୁମାର ପୂଜାରୀଙ୍କ ସ୍ୱର ସଂଯୋଜନାରେ ପଦ୍ମଶ୍ରୀ ଜିତେନ୍ଦ୍ର ହରିପାଲ, ବିଭୂତିଭୂଷଣ ପଟ୍ଟନାୟକ, ଡ. ଶ୍ୟାମସୁନ୍ଦର ଧର, ଲିପିକା ବିଭାର, ପ୍ରିୟଦର୍ଶନୀ ନାଥ, ପୁଷ୍ପକ ସୁନା, ମିନୁ ହରିପାଲ, ପୂଜା ମୁଣ୍ଡା, ସଂଗୀତା ମାସୀ, ଦୁର୍ଗା ଦାସ ପ୍ରମୁଖ ସଂଗୀତ ପରିବେଷଣ କରିଥିଲେ। ଦେବାଶିଷ ପାଢ଼ୀ, ମୋହିତ ସ୍ୱାଇଁ, ସୁବାସ ଭୋଇ, ମାନସ ପଟେଲ, ଚନ୍ଦ୍ରଶେଖର ଦୁବେ, ଦୀପକ କୁମାର ବାରିକ, ହିମାଂଶୁ ପ୍ରଧାନ, ପ୍ରଭାତ ହରିପାଲ, ସୁମନ ପ୍ରଧାନ ଓ ଦୀନେଶ ବାଦ୍ୟଯନ୍ତ୍ରରେ ସହଯୋଗ କରିଥିଲେ। ରାମଶିଷ ତ୍ରିପାଠୀଙ୍କ ରଚିତ ମୋର୍ ମାଆ ସମ୍ବଲପୁର ଗୀତର ଉନ୍ମୋଚନ କରାଯାଇଥିଲା। ତର୍ପଣ ପ୍ରଧାନ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଉତ୍ସବରେ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଖାଦ୍ୟ, ପାନୀୟ ଜଳ ବଣ୍ଟନ କରାଯାଇଥିଲା । ଏଥିସହ ବନ ବିଭାଗ ପକ୍ଷରୁ ଉପସ୍ଥିତ ଜନସାଧାରଣଙ୍କୁ ଚାରା ଦିଆଯାଇଥିଲା। ସେହିପରି ସମ୍ବଲପୁର ଆକାଶବାଣୀ କେନ୍ଦ୍ର କର୍ମଚାରୀମାନେ ସମ୍ବଲପୁରୀ ବସ୍ତ୍ର ପରିଧାନ କରି ନିଜ ସଂସ୍କୃତିର ପରିଚୟ ଦେଇଥିଲେ। ଅଖିଳ ଭାରତୀୟ ମାରୱାଡି ମହିଳା ସଂଗଠନ ସଭ୍ୟା, କର୍ମକର୍ତ୍ତା ମଧ୍ୟ ସମ୍ବଲପୁରୀ ଶାଢ଼ୀ ପରିଧାନ କରି ପରସ୍ପରକୁ ଶୁଭେଚ୍ଛା ଜଣାଇଛନ୍ତି ।

### ଅଗଷ୍ଟ ୧ତାରିଖ ସରକାରୀ ଛୁଟି ଘୋଷଣା ଦାବି

ଅଗଷ୍ଟ ୧ ତାରିଖକୁ ସରକାରୀ ଛୁଟି ଘୋଷଣା କରିବାକୁ ସମ୍ବଲପୁରୀ ଦିନ୍ ମଞ୍ଚରେ ଦାବି ହୋଇଛି । ସମ୍ବଲପୁର ମ୍ୟୁନିସିପାଲଟିର ପୂର୍ବତନ ଉପନଗରପାଳ ସିଦ୍ଧାର୍ଥ ସାହା ବକ୍ତବ୍ୟରେ ଏହା କହିଥିଲେ । ଏନେଇ ବିଧାୟକ ଓ ପୂର୍ବତନ ବିଧାୟକମାନେ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବା ଜରୁରୀ । ଫଳରେ ଏହି ଦିନ ସରକାରୀ ଛୁଟି ଘୋଷିତ ହୋଇପାରିବ ବୋଲି କହିଥିଲେ । ପରେ ଉପସ୍ଥିତ ଶତାଧିକ ଜନସାଧାରଣ କରତାଳି ଦେଇ ଦାବିକୁ ଯୁକ୍ତି ଯୁକ୍ତ ବୋଲି ସ୍ଲୋଗାନ ଦେଇଥିଲେ।

## ଟ୍ରାକ୍ଟର ଦୁର୍ଘଟଣାରେ ଡ୍ରାଇଭରଙ୍କ ମୃତ୍ୟୁ
### ଗ୍ରାମବାସୀଙ୍କ ଥାନାରେ ଅଭିଯୋଗ

ଧମା,୧।୮(ଡି.ଏନ.ଏ.) ଧମା ଥାନା ଅନ୍ତର୍ଗତ ପାଞ୍ଚଫୁଟ ଗ୍ରାମରେ ଏକ ଟ୍ରାକ୍ଟର ଦୁର୍ଘଟଣାରେ ଡ୍ରାଇଭରଙ୍କ ମୃତ୍ୟୁ ହେବା ଏବଂ ତରବରିଆ ଭାବେ ଘରୋଇ ନର୍ସିଂହୋମରୁ ମୃତଦେହ ଆଣି ପୋଡିଦେବା ଘଟଣାକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଏନେଇ ଗ୍ରାମବାସୀ ଧମା ଥାନାରେ ଏକ ଅଭିଯୋଗ କରିଛନ୍ତି ।

ମିଳିଥିବା ସୂଚନା ମୁତାବକ, ପାଞ୍ଚଫୁଟ ଗ୍ରାମର ବିମଳେଶ୍ୱର ବେହେରା (୨୭) ମହେନ୍ଦ୍ର ଦେଓଙ୍କ ଟ୍ରାକ୍ଟରରେ ଡ୍ରାଇଭର ଭାବେ କାମ କରୁଥିଲେ। ଗୁରୁବାର ଏକ ବିଲରେ ହଳ କରୁଥିବା ବେଳେ କୌଣସି କାରଣରୁ ପୂର୍ବାହ୍ନ ୧୧ଟାରେ ଟ୍ରାକ୍ଟର ଦୁର୍ଘଟଣା ଗ୍ରସ୍ତ ହୋଇଥିଲା। ଫଳରେ ବିମଳେଶ୍ୱର ଗୁରୁତର ଆହତ ହୋଇଥିଲେ। ତାଙ୍କୁ ଏକ ଘରୋଇ ନର୍ସିଂହୋମରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ଶୁକ୍ରବାର ସକାଳେ ବିମଳେଶ୍ୱରଙ୍କ ମୃତ୍ୟୁ ଘଟିଥିଲା। ତାଙ୍କ ମୃତ ହେବା ପରେ ଗାଡି ମାଲିକ ଓ ଅନ୍ୟମାନେ ସେଠାରୁ ଫେରାର ହୋଇଯାଇଥିବା ବେଳେ ପରିବାର ଲୋକେ ମୃତଦେହ ଗାଁକୁ ଆଣି ସତ୍କାର କରିଥିଲେ। ଏନେଇ ହସ୍ପିଟାଲ ପକ୍ଷରୁ ଥାନାରେ କୌଣସି ଅଭିଯୋଗ କରାଯାଇ ନ ଥିବାରୁ ଗ୍ରାମବାସୀ ଧମା ଥାନାରେ ଏକ ଅଭିଯୋଗ କରିଛନ୍ତି । ସୂଚନାଯୋଗ୍ୟ, ବିମଳେଶ୍ୱର ଗତ ବର୍ଷ ବିବାହ କରିଥିବା ବେଳେ ତାଙ୍କ ମା' କିଡ୍ନୀ ରୋଗରେ ଆକ୍ରାନ୍ତ। ସେ ପରିବାରର ଏକମାତ୍ର ରୋଜଗାରକ୍ଷମ ବ୍ୟକ୍ତି ଥିଲେ। ଅନ୍ୟପକ୍ଷେ ପୋଲିସ ଘଟଣାର ତଦନ୍ତ କରି ଆବଶ୍ୟକ ସହାୟତା ଯୋଗାଇ ଦେବାକୁ ଗ୍ରାମାବାସୀ ଦାବି କରିଛନ୍ତି।

## ତାଳଚେର କୋଇଲା ଖଣିରେ ଅଚଳାବସ୍ଥା

ସମ୍ବଲପୁର,୧।୮(ବ୍ୟୁରୋ) ତାଳଚେର ଭରତପୁର ଖୋଲା ମୁହଁ ଖଣିରେ ଦୁର୍ଘଟଣା ପରଠାରୁ ଅଚଳାବସ୍ଥା ଲାଗି ରହିଛି। କୋଇଲା ଉତ୍ପାଦନ ଓ ପରିବହନ ବନ୍ଦ ରହିଛି। ରାଜନୈତିକ ଦଳର ସମର୍ଥକମାନେ କାର୍ଯ୍ୟବନ୍ଦ ଆନ୍ଦୋଳନକୁ ପ୍ରତ୍ୟାହୃତ କରିଛନ୍ତି। ଖଣିରୁ ବର୍ଷା ଋତୁରେ ଦୈନିକ ୨.୧ ଲକ୍ଷ ଟନ୍ କୋଇଲା ଉତ୍ପାଦନ ହୋଇଥାଏ। ଖଣି କାର୍ଯ୍ୟ ବନ୍ଦ ହେବା କାରଣରୁ ଦୈନିକ ୨.୧ ଲକ୍ଷ କୋଇଲା ଉତ୍ପାଦନ, କେନ୍ଦ୍ରସରକାର ୧୩.୮ କୋଟି ଟଙ୍କାର ରାଜସ୍ୱ ହରାଉଛନ୍ତି । ସେହିପରି ୩୩୩.୨୭ ମିଲିୟନ ୟୁନିଟ ବିଦ୍ୟୁତ୍ ଉତ୍ପାଦନ ହୋଇପାରିନାହିଁ । ସଂପ୍ରତି କ୍ଷତି ହେଉଥିବା କୋଇଲା ଉତ୍ପାଦନର ହାରାହାରି ମୂଲ୍ୟ ୨୧.୩୨ କୋଟି । ଗତ ଜୁଲାଇ ୨୪ ତାରିଖରୁ ଖଣି କାର୍ଯ୍ୟ ବନ୍ଦ କାରଣରୁ ରାଜ୍ୟ ଓ କେନ୍ଦ୍ର ସରକାର ୧୧୦.୬୬ କୋଟି ଟଙ୍କାର ରାଜସ୍ୱ ହରାଇଛନ୍ତି। ଅପରପକ୍ଷେ ୧୩ ହଜାର ୪୪୭ ଜଣ ସ୍ଥାୟୀ କର୍ମଚାରୀ ଓ ୯ ହଜାର ୫୧୧ ଜଣ ଠିକା କର୍ମଚାରୀ ବେକାର ହୋଇ ବେତନ ପାଇବାରୁ ବଞ୍ଚିତ ହେଉଛନ୍ତି । କଣିହାଁ ସ୍ଥିତ ଏନଟିପିସିରେ କୋଇଲା ସଂକଟ ଯୋଗୁଁ ୩ଟି ୟୁନିଟରୁ ଉତ୍ପାଦନ ବନ୍ଦ ହୋଇଛି । ନାଲକୋ ପ୍ଲାଣ୍ଟରେ ମଧ୍ୟ ଅନୁରୂପ ସ୍ଥିତି ଜାରି ରହିଛି ବୋଲି ଏମ୍ସିଏଲ ଜନସମ୍ପର୍କ ବିଭାଗ ପକ୍ଷରୁ ଗୁରୁବାର ସୂଚନା ଦିଆଯାଇଛି।

### ରାଷ୍ଟ୍ରୀୟ ଗୋପାଳ ବିଦ୍ୟାମନ୍ଦିରରେ ସମ୍ବଲପୁରୀ ଉତ୍ସବ
# ମତେ ଡାକୁଛେ ମୋର୍ ସମ୍ବଲପୁର୍

ସମ୍ବଲପୁର, ୧।୮ (ବ୍ୟୁରୋ)

ଜୁହାର ମା' ସମଲେଶିରୀ..... ଓ ମତେ ଡାକୁଛେ ମୋର୍ ସମ୍ବଲପୁର୍ ଗୀତର ମୂର୍ଚ୍ଛନାରେ ଝୁମି ଉଠିଥିଲା ରାଷ୍ଟ୍ରୀୟ ଗୋପାଳ ବିଦ୍ୟାମନ୍ଦିର ପରିସର । ପଦ୍ମଶ୍ରୀ ଜିତେନ୍ଦ୍ର ହରିପାଲଙ୍କ ସୁଲଳିତ କଣ୍ଠ ସ୍ୱରରେ ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ, ଶିକ୍ଷକ, ଅଭିଭାବକ ଓ ଅତିଥିମାନେ ବିଭୋର ହୋଇ ପଡିଥିଲେ । ଗୁରୁବାର ରାଷ୍ଟ୍ରୀୟ ଗୋପାଳ ବିଦ୍ୟାମନ୍ଦିର ଅଧ୍ୟକ୍ଷା ଇନ୍ଦିରା ପ୍ରିୟଦର୍ଶନୀଙ୍କ ପରିଚାଳନାରେ ସମ୍ବଲପୁରୀ ଦିନ୍ ଉତ୍ସବ ହୋଇଥିଲା। ସମ୍ବଲପୁରୀ ବସ୍ତ୍ର ପ୍ରଦର୍ଶନୀ, ଗଳ୍ପ ଓ କବିତା ପ୍ରଦର୍ଶନୀ, ଗୁରୁ ସତ୍ୟନାରାୟଣ ବହିଦାର, ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ସମେତ ସମ୍ବଲପୁରୀ ଗୀତ, ନୃତ୍ୟ, ଭାଷାକୁ ନେଇ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିବା ମହାପୁରୁଷଙ୍କ ଫଟୋ ଚିତ୍ର ପ୍ରଦର୍ଶିତ ହୋଇଥିଲା । ସେହିପରି ପାରମ୍ପରିକ ପୀଠା, ସରସତିଆ, ଲାଡୁ ପୀଠା, ସୁଜି ପୀଠା, କାକରା, ମଣ୍ଡା, ଆରିସା, ଆମ୍ବିଲ, ଉସୁନା ଭାତ ପ୍ରଭୃତିର ମହକି ଉଠିଥିଲା ଉତ୍ସବ ପରିସର । ସତେ ଯେମିତି ଗୋଟିଏ ସ୍ଥାନରେ ସମ୍ବଲପୁରର ବିଭବ ଭରି ରହିଛି । ଉତ୍ସବରେ ଛାତ୍ରୀଛାତ୍ରମାନେ ସମ୍ବଲପୁରୀ ଲୋକନୃତ୍ୟ, ଲୋକବାଦ୍ୟ ଓ ଗୀତ ପରିବେଷଣ କରିଥିଲେ । ସଂସ୍କୃତି ଗବେଷକ ଡ. ଶ୍ୟାମସୁନ୍ଦର ଧର ମୁଖ୍ୟବକ୍ତା, କଣ୍ଠଶିଳ୍ପୀ ବିଭୂତିଭୂଷଣ ପଟ୍ଟନାୟକ, ପ୍ରଫୁଲ୍ଲ କୁମାର ଦାଶ, ସ୍କୁଲ ପରିଚାଳନା କମିଟି ସଭାପତି ଶିବ କୁମାର ଅଗ୍ରୱାଲ, ଟ୍ରଷ୍ଟି ଶ୍ୟାମସୁନ୍ଦର ପୋଦ୍ଦାର, ଉପସଭାପତି ଭୋଲାରାମ ଟିବ୍ରିୱାଲ ସମ୍ମାନୀତ ଅତିଥି ଭାବେ ଯୋଗଦେଇଥିଲେ । କୁଲତାନୂଆପାଲି ଜୟ ମାଁ ସମଲେଇ କିଶୋର ଦୁଲଦୁଲି ଦଳ ପଞ୍ଚବାଦ୍ୟ ପରିବେଷଣ କରିଥିଲେ। ଶିକ୍ଷୟିତ୍ରୀ ଶ୍ୱାତୀ ମିଶ୍ର ଉତ୍ସବ ସଂଯୋଜନା କରିଥିଲେ । ନନ୍ଦିନୀ ସାହୁ, ମଧୁସ୍ମିତା ପେରା ଅତିଥି ସ୍ୱାଗତ କରିଥିଲେ । ସରିତା ରାୟ, ଆରତୀ ମେହେର, ବିନିତା ବରାଇ, ଇତିଶ୍ରୀ ନାଥ, ବିନ୍ଦିଆ ଚୌଧୁରୀ, କନକ ଶର୍ମା ସ୍ୱାଗତ ସଂଗୀତ ଗାନ କରିଥିଲେ । ଛୋଟ ଶିଶୁମାନେ ସମ୍ବଲପୁରୀ ପୋଷାକ ପିନ୍ଧି ସମ୍ବଲପୁରୀ ନନୀ ଓ ବାବୁ ଭାବେ ମଞ୍ଚରେ ବକ୍ତବ୍ୟ ରଖିଥିଲେ । ସଞ୍ଜୀବ କୁମାର ପଣ୍ଡା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ



ଗୁରୁବାର ସମ୍ବଲପୁର ରାଷ୍ଟ୍ରୀୟ ଗୋପାଳ ବିଦ୍ୟାମନ୍ଦିର ଛାତ୍ରୀଛାତ୍ରମାନେ ସମ୍ବଲପୁରୀ ନନୀ ଓ ବାବୁ ବେଶରେ ସଜ୍ଜିତ ହୋଇ ଅତିଥିଙ୍କ ସହ ।



ମିଥ୍ୟା ଯେତେବେଳେ କାର୍ଯ୍ୟରେ ପରିଣତ ହୁଏ,
ସେତେବେଳେ ତାହାର ନାମ ହୋଇଥାଏ ଭୁଲ୍।
- ମାଇକେଲ ଲାଣ୍ଡନ୍



## ସଂକ୍ଷେପରେ

### ନୂତନ ଡାକଘର ଉଦ୍‌ଘାଟିତ

ପଦ୍ମପୁର, ୧।୮ (ଡି.ଏନ.ଏ)
ପଦ୍ମପୁର ଉପଖଣ୍ଡ କେର୍ମେଲାବାହାଲିଠାରେ ନୂତନ ଡାକଘର ଶାଖା ଉଦ୍‌ଘାଟିତ ହୋଇଛି। ପଦ୍ମପୁର ବିଧାୟକ ବିଜୟ ରଞ୍ଜନ ସିଂ ବରିହା ମୁଖ୍ୟଅତିଥି ଭାବେ ଯୋଗଦାନ କରି ଏହାକୁ ଉଦଘାଟନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଉପଖଣ୍ଡ ଡାକ ନିରୀକ୍ଷକ ରାଜେନ୍ଦ୍ର ପ୍ରସାଦ ଦାସ, ମାନଭଞ୍ଜନ ନାୟକ, ରାଜବୋଡାସମ୍ବର ଓସମେଲ ମାଧବ ଦୀପ, ଅଜୟ ବଗର୍ତ୍ତି, ଭଇଁଷାଦର୍ହା ବ୍ରାଞ୍ଚ ପୋଷ୍ଟ ମାଷ୍ଟର ସୁରେଶ ଡନସନା, ବରିକେଲ ବ୍ରାଞ୍ଚ ପୋଷ୍ଟମାଷ୍ଟର ରୋହିତ ମେହେର ଯୋଗଦାନ କରିଥିଲେ ।

### ଆନନ୍ଦମାର୍ଗ ବିଦ୍ୟାଳୟ ପରିଚାଳନା କମିଟି ଗଠିତ

ଜହ୍ନାପଙ୍କ,୧।୮(ଡି.ଏନ.ଏ.)
ବୌଦ୍ଧ ବ୍ଲକ ବୁରକଟାଛକସ୍ଥିତ ଆନନ୍ଦମାର୍ଗ ବିଦ୍ୟାଳୟ ପରିଚାଳନା କମିଟି ଗଠିତ ହୋଇଛି। ଏହି ଉପଲକ୍ଷେ ଅନୁଷ୍ଠିତ ସଭାରେ ମୁଣ୍ଡାପଡା ସରପଞ୍ଚ ବିଦ୍ୟାଧର ସ୍ୱାଇଁ ସଭାପତିତ୍ୱ କରିଥିଲେ। ଏଥିରେ ସଭାପତି ଭାବେ ବୌଦ୍ଧ ବ୍ଲକ ଉପାଧକ୍ଷ ମନୋରଞ୍ଜନ ପୁରୋହିତ, ସମ୍ପାଦକ ବ୍ରଜେଶ ସ୍ୱାଇଁ, ସଭ୍ୟାସଭ୍ୟ ଭାବେ ଉମେଶ ବାରିକ, ତପନ ସାହୁ, ଭୀମସେନ ଭୋକ୍ତା, ଦେବକିଶୋର ସାହୁ, ଶିକ୍ଷାବିତ ଜୀବର୍ଦ୍ଧନ ଭୋକ୍ତା, ଶ୍ରୀମନ୍ତ ଜାଲ, ସଞ୍ଜୟ ରଣା, ସନ୍ତୋଷ କୁମାର ସାହୁ, ମୀନା କଅଁରଙ୍କୁ ମନୋନୀତ କରାଯାଇଥିଲା ।

### ଶିଶୁ ମନ୍ଦିରରେ ଉପକରଣ ପ୍ରଦର୍ଶନୀ

ଘଣ୍ଟାପଡା, ୧।୮(ଡି.ଏନ.ଏ)
କଣ୍ଟାମାଳ କ୍ଲବ ଅନ୍ତର୍ଗତ ଖୁଣ୍ଟିଗୋରା ଗ୍ରାମପଞ୍ଚାୟତ ଅଧୀନ ମସିଣାଗୋରା ସରସ୍ୱତୀ ଶିଶୁ ମନ୍ଦିରରେ ପାଠ୍ୟ ପୁସ୍ତକର ଆବଶ୍ୟକୀୟ ଉପକରଣମାନ ପ୍ରଦର୍ଶନ କରାଯାଇଥିଲା । ପ୍ରଧାନଗୁରୁଜୀ ସୁଶାନ୍ତ ସାହୁଙ୍କ ତତ୍ତ୍ୱାବଧାନରେ ପରିଚାଳନା କମିଟି ସଭାପତି ଦେବାଧି ମଲିକ, ସମ୍ପାଦକ ଧର୍ମାନନ୍ଦ ସାହୁ ଉପସ୍ଥିତ ଥିଲେ। ଭାଷା, ଗଣିତ, ପରିବେଶ, ବିଜ୍ଞାନ, ଇଂରାଜୀ, ସଂସ୍କୃତ, ହିନ୍ଦୀ, ବିଭିନ୍ନ ଖେଳ ସାମଗ୍ରୀର ଉପକରଣମାନ କୁନି କୁନି ଛାତ୍ରୀଛାତ୍ରଙ୍କୁ ଦେଖାଇ ଏହା ଉପରେ ଆଲୋଚନା କରାଯାଇଥିଲା । ଏଥିରେ ଗୁରୁମା ଝରଣା ପ୍ରଧାନ, ସନ୍ଧ୍ୟାରାଣୀ ମନହିରା, ସଂଯୁକ୍ତା ବେହେରା, ବେଦମତୀ କୁଦେଇ, ମମିତା ରଣା, ସୁରୁସୁତା ଭୋଇ, ଗୁରୁଜୀ ନେପାଳ ପ୍ରଧାନ, ଶ୍ୟାମସୁନ୍ଦର ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ ।

### କାମରେ ଆସୁନି ରାଜୀବ ଗାନ୍ଧୀ ସେବାକେନ୍ଦ୍ର

ଜାମଟିକ୍ରା, ୧।୮ (ଡି.ଏନ.ଏ)
ଅତାବିରା ବ୍ଲକର ସମସ୍ତ ପଞ୍ଚାୟତରେ ୧୦ଲକ୍ଷ ଟଙ୍କା ବ୍ୟୟରେ ରାଜୀବ ଗାନ୍ଧୀ ସେବାକେନ୍ଦ୍ର ମାନ ନିର୍ମାଣ ହୋଇଛି । ହେଲେ ଉକ୍ତ ବ୍ଲକ କୁଲୁଣ୍ଡା ପଞ୍ଚାୟତରେ ଦୀର୍ଘ ୮ ବର୍ଷ ହେବ ରାଜୀବ ଗାନ୍ଧୀ ସେବାକେନ୍ଦ୍ର ନିର୍ମାଣ ହୋଇ ଏପର୍ଯ୍ୟନ୍ତ କୌଣସି କାର୍ଯ୍ୟରେ ଲାଗି ପାରୁନାହିଁ । ଏହା କାର୍ଯ୍ୟକ୍ଷମ ଅପେକ୍ଷାରେ ଥିବା ବେଳେ ଏଥିପ୍ରତି ପ୍ରଶାସନିକ ନଜର ପଡୁନାହିଁ । ଏହି କେନ୍ଦ୍ର ସାଧାରଣତଃ ସଭାସମିତି, ପଞ୍ଚାୟତର କାର୍ଯ୍ୟ ଓ ଲୋକଙ୍କ ସାମୂହିକ କାର୍ଯ୍ୟ ପାଇଁ ବ୍ୟବହାର କରିବା କଥା। ହେଲେ ଏହି ଲକ୍ଷ୍ୟ ସାଧନ ହୋଇପାରୁ ନାହିଁ । ଏଠାରେ ବିଦ୍ୟୁତ ସଂଯୋଗ ନାହିଁ କି ପାଣି ଟାଙ୍କି ମଧ ନାହିଁ । ବର୍ତ୍ତମାନ ସନ୍ଧ୍ୟା ବେଳେ ମଦ୍ୟପମାନେ ଆସର ଜମାଇ ମଦ୍ୟପାନ କରି ଏଣେତେଣେ ମଦ ବୋତଲ ଓ ମଦପାଉଚ ପଲିଥିନ ପକାଇ ଅପରିଷ୍କାର କରୁଛନ୍ତି । ନିର୍ମାଣ ହେବା ଦିନଠୁ ଏହି କେନ୍ଦ୍ରରେ ତାଲା ଝୁଲୁଛି । ଏ ସମ୍ପର୍କରେ ଅତାବିରା ବିଡିଓ ପ୍ରଣବ କୁମାର ଚାନ୍ଦଙ୍କୁ ପଚାରିବାରୁ ଏହି ସେବା କେନ୍ଦ୍ରକୁ କାମରେ ଲଗାଇବା ପାଇଁ ଚେଷ୍ଟା କରାଯିବ ବୋଲି କହିଥିଲେ ।

### ବରଗଡ଼ରେ ଡିଏଲଆରଏସି ବୈଠକ

ବରଗଡ଼ ଅଫିସ୍,୧।୮
ବରଗଡ଼ରେ ଡିଏଲଆରଏସି ବୈଠକ ଅନୁଷ୍ଠିତ ହୋଇଯାଇଛି । ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ କୃତିବାସ ରାଉତ ବୈଠକ ପରିଚାଳନା କରିଥିଲେ । ଭାରତୀୟ ଷ୍ଟେଟବ୍ୟାଙ୍କ ଗ୍ରାମୀଣ ଆତ୍ମନିଯୁକ୍ତି ପ୍ରଶିକ୍ଷଣ ପ୍ରତିଷ୍ଠାନର ନିର୍ଦ୍ଦେଶକ ଡିଙ୍ଗର ଭୋସାଗର ବୈଠକ ଉପରେ ବିବରଣୀ ଉପସ୍ଥାପନ କରିଥିଲେ। ବୈଠକରେ ୧୮ଟି ବିଭାଗର ଅଧିକାରୀ ଉପସ୍ଥିତ ଥିଲେ । ଆରସେଟିର ନିର୍ଦ୍ଦେଶକ ଧନ୍ୟବାଦ ଅର୍ପଣ କରିଥିଲେ ।

# ଜବରଦଖଲକାରୀଙ୍କ କବ୍‌ଜାରେ ବାବୁରକଟା

ଜାମଟିକ୍ରା,୧।୮(ଡି.ଏନ.ଏ)

ବରଗଡ ଜିଲା ଅତାବିରା ବ୍ଲକ ବୁଗବୁଗା ପଞ୍ଚାୟତର ଜାମଟିକ୍ରା ଉପକଣ୍ଠରେ ଥିବା ୧୦୨ ଏକର ବିଶିଷ୍ଟ ବାବୁରକଟା ଏବେ ଜବରଦଖଲକାରୀଙ୍କ କବ୍‌ଜାରେ ରହିଛି । ସେହିପରି ରାଜାରାଜୁଡା ଅମଳର ଏହି ବିରାଟ କଟାର ଜରାଜୀର୍ଣ୍ଣ ଅବସ୍ଥା ଯୋଗୁ ସ୍ଥାନୀୟ ଅଞ୍ଚଳରେ ଜଳ ସମସ୍ୟା ଦେଖାଦେଉଛି । ଏହାର ପୁନରୁଦ୍ଧାର ପାଇଁ ବାରମ୍ବାର ପ୍ରଶାସନକୁ ଅଭିଯୋଗ କଲେ ମଧ କୌଣସି ସୁଫଳ ମିଳୁନାହିଁ।

ସୂଚନା ଅନୁସାରେ, ୧୦୨ ଏକର ପରିମିତ ବାବୁରକଟା ଜବରଦଖଲ ହୋଇ ଏବେ ମାତ୍ର ୨ ଏକର ଥିବ । ବାକିଜମି ଚାଷ ଜମି ପାଲଟିଛି । ଦିନ ଥିଲା ଏହି କଟାରେ ମାଛ ମାରି ଆଖପାଖ ଅଞ୍ଚଳର ଲୋକେ ନିଜ ଗୁଜରାଣ ମେଣ୍ଟାଉଥିଲେ ଏବଂ ଏହି କଟାର ପାଣି ଉପରେ ଲୋକେ ଧାନ ସହ ପନିପରିବା ଚାଷ ପାଇଁ ନିର୍ଭର କରୁଥିଲେ । ଏବେ କିନ୍ତୁ କଟାଟି ଶୁଖିଲା ପଡିଛି । ଏହି କଟାର ପୁନରୁଦ୍ଧାର ପାଇଁ ପ୍ରଶାସନର ଆନ୍ତରିକତା ନାହିଁ । କଟାଟି ବିଭିନ୍ନ ପ୍ରକାର ଦଳ ଓ ଘାସଲଟାରେ ଭର୍ତ୍ତି ହୋଇଥିବା ବେଳେ ପଙ୍କରେ ମଧ ପୋତି ହୋଇଗଲାଣି । ସେହିପରି କଟାର ଚତୁଃପାର୍ଶ୍ୱ ସଙ୍କୁଚିତ ହେଉଥିବା ବେଳେ ଜବରଦଖଲକାରୀ ମାଡିବସି ଚାଷ ଜମିରେ ପରିଣତ କଲେଣି । ବିରାଟକାୟ ଏହି ଐତିହାସିକ କଟାର ସୁରକ୍ଷା ପ୍ରତି ଦୃଷ୍ଟି ଦିଆ ନ ଗଲେ ଏହା ପୋତି ହୋଇଯିବା ସହ ସମ୍ପୂର୍ଣ୍ଣ ଭାବେ ଜବରଦଖଲକାରୀଙ୍କ କବ୍‌ଜାକୁ ଚାଲିଯିବ ବୋଲି ବୁଦ୍ଧିଜୀବୀମାନେ ମତ ପ୍ରକାଶ କରିଛନ୍ତି । ଏ ସମ୍ପର୍କରେ ଅତାବିରା ତହସିଲଦାର ହୃଦାନନ୍ଦ ଅଡାଙ୍କୁ ପଚାରିବାରୁ ବାବୁରକଟାକୁ ଜବରଦଖଲମୁକ୍ତ କରାଯିବା ଉପରେ ଦୃଷ୍ଟି ଦିଆଯିବ ବୋଲି କହିଥିଲେ ।



ଘାସଲଟାରେ ପରିପୂର୍ଣ୍ଣ ବାବୁରକଟା ।

# ଖୁଣ୍ଟପାଲିରେ ବୃକ୍ଷରୋପଣ

ବରଗଡ଼ ଅଫିସ୍,୧।୮
ବରଗଡ଼ ବ୍ଲକ ଅନ୍ତର୍ଗତ ଖୁଣ୍ଟପାଲିରେ ବନ ମହୋତ୍ସବ ଅବସରରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଗ୍ରାମର ତ୍ରିରଙ୍ଗା କ୍ଲବ, ଗଙ୍ଗାଧର ମେହେର ହାଇସ୍କୁଲ, ବାବା ବାଲୁଙ୍କେଶ୍ୱର କଲେଜ, ଆଇଡିଏଲ ପବ୍ଲିକ ସ୍କୁଲ, ବାଳିକା ପ୍ରାଥମିକ ସ୍କୁଲ, ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ, ଡାକଘର ସଦସ୍ୟବୃନ୍ଦ, ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ ପକ୍ଷରୁ ଏହା ଅନୁଷ୍ଠିତ ହୋଇଥିଲା। ଉପରୋକ୍ତ ସଙ୍ଗଠନର ସଦସ୍ୟ, ଛାତ୍ରୀଛାତ୍ର ଗ୍ରାମର ବିଭିନ୍ନ ସ୍ଥାନରେ ବୃକ୍ଷଚାରା ରୋପଣ କରିଥିଲେ ।



ବୃକ୍ଷରୋପଣ କାର୍ଯ୍ୟକ୍ରମରେ ଭାଗ ନେଇଥିବା ଛାତ୍ରୀଛାତ୍ର ।

## ପ୍ରଦୂଷଣର ପ୍ରତିକାର, ପଲିଥିନ ବର୍ଜନ କାର୍ଯ୍ୟକ୍ରମ

ବରଗଡ଼ ଅଫିସ୍,୧।୮
ବରଗଡ଼ ଜିଲା ଅତାବିରା ବ୍ଲକ ପତ୍ରାପାଲିସ୍ଥିତ ଗ୍ରାମ ପଞ୍ଚାୟତ ହାଇସ୍କୁଲରେ ସୋମବାର ପ୍ରଦୁଷଣ ଓ ପଲିଥିନ ବର୍ଜନ ସମ୍ପର୍କୀତ ଏକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ କୋଶଲ ଟାଇମ୍‌ର ସମ୍ପାଦକ ସଞ୍ଜୀବ କୁମାର ମହାପାତ୍ର ମୁଖ୍ୟଅତିଥି ଏବଂ ଡଃ ବିଶୁଦ୍ଧାନନ୍ଦ ବୈରାଗୀ ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସ୍ଥାନୀୟ ପ୍ରକଳ୍ପ ଉନ୍ନୀତ ଉଚ୍ଚ ପ୍ରାଥମିକ ସ୍କୁଲର ଶିକ୍ଷକମାନେ ଯୋଗଦାନ କରିଥିଲେ। ପ୍ରଧାନଶିକ୍ଷକ ନରେଶ କୁମାର ପ୍ରଧାନ ସଭାପତିତ୍ୱ କରିଥିଲେ। ପଲିଥିନ ବର୍ଜନ ଓ ପ୍ରଦୂଷଣର ପ୍ରତିକାର ଉପରେ ଅତିଥିମାନେ ବକ୍ତବ୍ୟ ରଖି ଉପସ୍ଥିତ ଛାତ୍ରୀଛାତ୍ରଙ୍କୁ ବିଭିନ୍ନ ପରାମର୍ଶ ଦେଇଥିଲେ। ଏହି ଅବସରରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଗ୍ରାମାଞ୍ଚଳ ପ୍ରଦୂଷଣ ଓ ପଲିଥିନ ବର୍ଜନ ଶୀର୍ଷକକୁ ନେଇ ଛାତ୍ରୀଛାତ୍ରଙ୍କ ମଧ୍ୟରେ ପ୍ରବନ୍ଧ, ଚିତ୍ରାଙ୍କନ ପ୍ରତିଯୋଗିତା ହୋଇଥିଲା। ବିଦ୍ୟାଳୟର ସମସ୍ତ ଶିକ୍ଷକ ସହଯୋଗ କରିଥିଲେ ।



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିବୃନ୍ଦ ।

## ମାଣ୍ଡୋସିଲ ଅଞ୍ଚଳର ସମସ୍ୟା ନେଇ ଜିଲାପାଳଙ୍କୁ ଫେରାଦ

ପାଇକମାଳ, ୧।୮ (ଡି.ଏନ.ଏ)
ବରଗଡ ଜିଲା ପାଇକମାଳ ବ୍ଲକ ମାଣ୍ଡୋସିଲ ଅଞ୍ଚଳର ବିଭିନ୍ନ ସମସ୍ୟା ନେଇ ଜନସାଧାରଣ ବରଗଡ ଜିଲାପାଳ ଇନ୍ଦ୍ରମଣି ତ୍ରିପାଠୀଙ୍କଠାରେ ଫେରାଦ ହୋଇ ଦାବିପତ୍ର ଦେଇଥିଲେ। ମାଣ୍ଡୋସିଲ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର ଅଭାବ, ସ୍କୁଲମାନଙ୍କରେ ଶିକ୍ଷକ ଓ ଶ୍ରେଣୀ କୋଠରୀ ଅଭାବ, ରାସ୍ତା ମରାମତି ଆଦି ସମସ୍ୟା ସମାଧାନ ପାଇଁ ଦାବି କରାଯାଇଛି । ବିଭିନ୍ନ ସରକାରଙ୍କ ଦ୍ୱାରା ନିର୍ମିତ କଲ୍ୟାଣ ମଣ୍ଡପ, ସ୍କୁଲ ଘର ଅଧାପନ୍ତରିଆ ଭାବେ ପଡିଛି । ସେହିପରି ପାନୀୟ ଜଳ ଯୋଗାଣ ନାହିଁ। ବର୍ଷା ଅଭାବରୁ ଏଯାଏ ଚାଷକାମ ହୋଇ ପାରୁନାହିଁ। ପୋଖରୀ, ନଦୀ ନାଳ ଶୁଖିଲା ପଡିଛି। ଜୁଲାଇ ମାସ ସରିଯାଇଥିଲେ ମଧ ଚାଷୀ ଚାଷ କରି ପାରି ନ ଥିବାରୁ ମରୁଡି ଘୋଷଣା ପାଇଁ ମଧ ଦାବି କରାଯାଇଛି । ଗ୍ରାମ୍ୟ କମିଟି ସଭାପତି ଧନ ସିଂ ପଟେଲଙ୍କ ସହ ମାଣ୍ଡୋସିଲର ଜନସାଧାରଣ ଦାବିପତ୍ର ଦେବା ସମୟରେ ଉପସ୍ଥିତ ଥିଲେ ।

# ସିଡ଼ିଏମଓ ଅଫିସ ଆଗରେ ଧାରଣା

## ଛଟେଇ ଯୋଜନାର ପ୍ରତିବାଦ

ବରଗଡ଼ ଅଫିସ୍,୧।୮
ବରଗଡ଼ ଜିଲା ସ୍ୱାସ୍ଥ୍ୟ ବିଭାଗ ଅଧୀନରେ କାମ କରୁଥିବା କିଛି ଆଉଟସୋର୍ସିଂ କର୍ମଚାରୀଙ୍କୁ ଛଟେଇ କରିବାକୁ ଯୋଜନା ଚାଲିଛି । ଏଭଳି ଅଭିଯୋଗ ନେଇ ଗୁରୁବାର ସମ୍ପୃକ୍ତ କର୍ମଚାରୀମାନେ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ (ସିଡ଼ିଏମଓ) ଅଫିସ ଆଗରେ ଧାରଣା ଦେଇଥିଲେ। ସେମାନେ ଅଭିଯୋଗ କରିଛନ୍ତି, ଦୀର୍ଘ ୮ବର୍ଷ ହେଲା ସେମାନେ ଜିଲା ମୁଖ୍ୟ ଚିକିତ୍ସାଳୟରେ ସୁଚାରୁ ଭାବେ କାର୍ଯ୍ୟ କରି ଆସୁଛନ୍ତି । ମାତ୍ର ବର୍ତ୍ତମାନ ସମ୍ପୃକ୍ତ କର୍ମଚାରୀଙ୍କୁ ଛଟେଇ କରି ସେମାନଙ୍କ ସ୍ଥାନରେ ନୂତନ ଲୋକଙ୍କୁ ନିଯୁକ୍ତି ଦେବାର ଯୋଜନା ଚାଲିଛି । ତେବେ ସେଭଳି କରାଗଲେ ଦୀର୍ଘ ୮ବର୍ଷ ଧରି ଏଠାରେ କାର୍ଯ୍ୟ କରି ଆସୁଥିବା ସେହି କର୍ମଚାରୀଙ୍କ ଭବିଷ୍ୟତ ଉଜୁଡ଼ି ପଡ଼ିବ ବୋଲି ସେମାନେ ଅଭିଯୋଗ କରିଛନ୍ତି । ଜିଲା ମୁଖ୍ୟ ଡାକ୍ତରଖାନାରେ ସେମାନେ କାମ କରି ଆସୁଥିଲେ ଏବଂ ସେଥିରୁ ଯାହା ରୋଜଗାର କରୁଥିଲେ, ସେଥିରୁ ପରିବାର ଗୁଜୁରାଣ ମେଣ୍ଟାଇ ଆସୁଥିଲେ । ଏଠାରେ ସେମାନଙ୍କ ଚାକିରି ନିୟମିତ ହେବ ବୋଲି ଆଶା ବାନ୍ଧିଥିଲେ । ମାତ୍ର ଏବେ ସମ୍ପୃକ୍ତ କର୍ମଚାରୀଙ୍କୁ ଛଟେଇ କରି ନୂଆ ଲୋକଙ୍କୁ ଅବସ୍ଥାପିତ କରିବା ଯୋଜନା ସେମାନଙ୍କୁ ନିରାଶ କରିଛି ବୋଲି ସେମାନେ କହିଛନ୍ତି । ଫଳରେ ସେମାନଙ୍କୁ ଛଟେଇ କରା ନ ଯାଇ ପୂର୍ବଭଳି ସମ୍ପୃକ୍ତ କର୍ମଚାରୀଙ୍କୁ ନିଜ ପଦବୀରେ ଅବସ୍ଥାପିତ କରିବା ଦିଗରେ ପଦକ୍ଷେପ ନେବା ଦାବିରେ ସେମାନେ ଧାରଣା ଦେଇଥିଲେ । ଜିଲା ପରିଷଦ ଅଧ୍ୟକ୍ଷା ମୁକ୍ତା ସାହୁ ଧାରଣାସ୍ଥଳକୁ ପହଞ୍ଚି ଜିଲା ମୁଖ୍ୟ ଚିକିତ୍ସାଧିକାରୀ(ସିଡ଼ିଏମଓ) ଡା.ଏସ. ସି ଦାଶଙ୍କ ସହିତ ସେ ନେଇ ଆଲୋଚନା କରିଥିଲେ । ସେ ଦିଗରେ ବିହିତ ପଦକ୍ଷେପ ନିଆଯିବ ବୋଲି ସିଡ଼ିଏମଓ ନିର୍ଭର ପ୍ରତିଶ୍ରୁତି ଦେଇଥିଲେ । ଏହାପରେ କର୍ମଚାରୀମାନେ ଧାରଣାରୁ ଓହରିଥିଲେ।



ଛଟେଇ ପ୍ରତିବାଦରେ ସିଡିଏମଓ ଅଫିସ ଆଗରେ ଧାରଣା ଦେଇଥିବା କର୍ମଚାରୀମାନେ ।

## ବାଉଁଶୁଣୀରେ ସମ୍ବଲପୁରୀ ଦିନ୍ ପାଳିତ

ମନମୁଣ୍ଡା, ୧।୮ (ଡି.ଏନ.ଏ)
ଗୁରୁ ସତ୍ୟନାରାୟଣ ବହିଦାରଙ୍କ ଜନ୍ମଦିନ ଅବସରରେ ବୌଦ୍ଧ ଜିଲାର ବାଉଁଶୁଣୀ ଡିଗ୍ରୀ ମହାବିଦ୍ୟାଳୟ ପରିସରରେ ପଶ୍ଚିମାଞ୍ଚଳ ଏକତା ମଞ୍ଚ ଓ ବାଉଁଶୁଣୀ ସାଂସ୍କୃତିକ ପରିଷଦ ପକ୍ଷରୁ ସମ୍ବଲପୁରୀ ଦିନ୍ ପାଳିତ ହୋଇଯାଇଛି । ଏହି ଅବସରରେ ବାଉଁଶୁଣୀ ସାଂସ୍କୃତିକ ପରିଷଦ ସଭାପତି କୃଷ୍ଣଚନ୍ଦ୍ର ମିଶ୍ରଙ୍କ ସଭାପତିତ୍ୱରେ ବାଉଁଶୁଣୀ ଡିଗ୍ରୀ ମହାବିଦ୍ୟାଳୟର ଅଧକ୍ଷ ଅନିରୁଦ୍ଧ ମହାକୁଡ ମୁଖ୍ୟଅତିଥି, ଡ. ପ୍ରିୟବ୍ରତ ବେହେରା, ଇଂ. ରାକେଶ ତ୍ରିପାଠୀ ସମ୍ମାନିତ ଅତିଥି, ନାଟ୍ୟକାର କରୁଣାକର ଘଣ୍ଟୁଆଳ ମୁଖ୍ୟବକ୍ତା ଭାବେ ଉପସ୍ଥିତ ରହି ସମ୍ବଲପୁରୀ ଭାଷା ସାହିତ୍ୟର ଜନକ ଗୁରୁ ସତ୍ୟନାରାୟଣ ବହିଦାରଙ୍କୁ ପ୍ରଥମେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଆଗକୁ କିଭଳି ସମ୍ବଲପୁରୀ ଭାଷା ସାହିତ୍ୟର ପ୍ରଚାରପ୍ରସାର ହୋଇପାରିବ ସେ ଦିଗରେ ମୁଖ୍ୟଅତିଥି କହିଥିଲେ। ପ୍ରବୀଣ ମିଶ୍ର ମଞ୍ଚ ପରିଚାଳନା କରିଥିଲେ। ଶେଷରେ ସୀତାକାନ୍ତ ସିଂହ ଧନ୍ୟବାଦ ଅର୍ପଣ କରିଥିଲେ । ପଙ୍କଜ କୁମାର ବାରିକ, ଆଶିଷ କୁମାର ସାହୁ, ସମୀର ଉର୍ମା, ପ୍ରଶାନ୍ତ ପଣ୍ଡା ପ୍ରମୁଖ ସହଯୋଗ କରିଥିଲେ । ପଶ୍ଚିମ ଓଡିଶା ହାସ୍ୟ ଅଭିନେତା ସୁଶାନ୍ତ ସୁସୁ ଓ ଦାସକାଠିଆ ଗ୍ରୁପ୍‌ଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା ।



ଦିନ୍ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

## ବନପାଳ ଅଫିସ ଉଦ୍‌ଘାଟିତ

ଘଣ୍ଟାପଡା, ୧।୮ (ଡି.ଏନ.ଏ)
ବୌଦ୍ଧ ଜିଲା କଣ୍ଟାମାଳ ଆଞ୍ଚଳିକ ବନ ବିଭାଗ ଜଙ୍ଗଲ ଉପଖଣ୍ଡ ଅନ୍ତର୍ଗତ ଘଣ୍ଟାପଡାଠାରେ ବନପାଳଙ୍କ ବାସଗୃହ ଓ ଅଫିସ୍‌କୁ ବୁଧବାର ଆଞ୍ଚଳିକ ମୁଖ୍ୟ ବନ (ଜଙ୍ଗଲ) ସଂରକ୍ଷକ ବ୍ରହ୍ମପୁର ସର୍କଲ ସୁରେଶ ପନ୍ତ ଉଦଘାଟନ କରିଥିଲେ। ଏଥିରେ ଘଣ୍ଟାପଡା ବନପାଳ ଅଭିମନ୍ୟୁ ସାହୁ, ବନରକ୍ଷୀ ଶରତ ଚନ୍ଦ୍ର ନାୟକ ଏବଂ ଶ୍ରୀକାନ୍ତ ନାଏକ ଉପସ୍ଥିତ ଥିଲେ । ସେହିପରି ଏହି ଉପଖଣ୍ଡ ଅନ୍ତର୍ଗତ ନାରାୟଣପ୍ରସାଦଠାରେ ମଧ ବନପାଳ ଅଫିସ୍‌କୁ କଣ୍ଟାମାଳ ରେଞ୍ଜର ଦିଲୀପ ବିଗାଲ ଉଦଘାଟନ କରିଥିଲେ । ଏଥିରେ ବନପାଳ ବସନ୍ତ ନାଏକ ଓ ବନରକ୍ଷୀ ଉପସ୍ଥିତ ଥିଲେ ।

### ବରଗଡ଼ରେ ସମଲପୁରୀ ଦିନ୍ ପାଳିତ

# ବାହାରିଲା ସାଂସ୍କୃତିକ ଶୋଭାଯାତ୍ରା

ବରଗଡ଼ ଅଫିସ୍,୧।୮
ବରଗଡ଼ ସହରସ୍ଥିତ ବିଜୁ ପଟ୍ଟନାୟକ ଟାଉନ ହଲରେ ଗୁରୁବାର ସମଲପୁରି ଦିନ୍ ପାଳିତ ହୋଇଯାଇଛି । ମନୋହର ସାଂସ୍କୃତିକ ସଂସଦ, ଭେଡ଼େନ ଏବଂ ଶ୍ରୀଧର ସାହିତ୍ୟ ସଂସଦ ପକ୍ଷରୁ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମ ଅବସରରେ ସ୍ଥାନୀୟ ସମଲେଶ୍ୱରୀ ମନ୍ଦିରରେ ପୂଜାର୍ଚ୍ଚନା ପରେ ଏକ ସାଂସ୍କୃତିକ ଶୋଭାଯାତ୍ରା ବିଜୁ ପଟ୍ଟନାୟକ ଟାଉନ ହଲକୁ ପହଞ୍ଚିଥିଲା। ଶୋଭାଯାତ୍ରାରେ ବହୁ କବି, ସାହିତ୍ୟିକ ସାମିଲ ହୋଇଥିଲେ । ଟାଉନ ହଲକୁ ଶୋଭାଯାତ୍ରା ପହଞ୍ଚିବା ପରେ ସଭାକାର୍ଯ୍ୟ ହୋଇଥିଲା । ମନୋହର ସାଂସ୍କୃତିକ ସଂସଦ ସଭାପତି ଉତ୍ପନ୍ନ କୁମାର ଭୋଇଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପ୍ରଥମ ଅଧିବେଶନରେ ଶ୍ରୀକାନ୍ତ ପଣ୍ଡା ମୁଖ୍ୟଅତିଥି ଏବଂ ପଶ୍ଚିମଓଡ଼ିଶା କୃଷକ ସଙ୍ଗଠନ ସମନ୍ୱୟ ସମିତିର ଆବାହକ ଲିଙ୍ଗରାଜ, ସାହିତ୍ୟିକ ହୃଦମଣି ପ୍ରଧାନ, କଥାକାର ଧନପତି ମହାପାତ୍ର, ତ୍ରିଲୋଚନ ପଣ୍ଡା, ଶିବଶଙ୍କର ପୂଜାରୀ, ଡଃ ସୁବାଷ ମେହେର ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଏହି ଅବସରରେ ଶିବଶଙ୍କର ପୂଜାରୀ ଏବଂ ତ୍ରିଲୋଚନ ପଣ୍ଡାଙ୍କୁ ଶ୍ରୀଧର ସମ୍ମାନ ପ୍ରଦାନ କରାଯାଇଥିଲା । ଗୌରଚରଣ ସା ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିବା ବେଳେ ଦେବେନ୍ଦ୍ର ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ। ସେହିପରି ଦ୍ୱିତୀୟ ଅଧିବେଶନରେ କବିତା ପାଠୋତ୍ସବ ହୋଇଥିଲା । ହରିଲାଲ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କବିତା ପାଠୋତ୍ସବରେ ଚାଷୀନେତା ଶିବ ପଧାନ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ । ସଙ୍ଗୀତା ପଣ୍ଡା ଷଡ଼ଙ୍ଗୀ, ଦେବେନ୍ଦ୍ର ସାହୁ, ତେଜରୁ ବାରିକ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ । ଜିଲାର ଶତାଧିକ କବି ଏଥିରେ ଭାଗ ନେଇ ସ୍ୱରଚିତ ସମ୍ବଲପୁରୀ/କୋଶଲି କବିତା ପାଠ କରିଥିଲେ । ସେହିପରି ଲସ୍ତଲାର ସୁରୁଜମୁଖୀ ନୃତ୍ୟଦଳ, ସୋହେଲାର ବଳରାମ ସାହୁ, ବର୍ଷାରାଣୀ ଷଣ୍ଢ ପ୍ରମୁଖ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ । ଅଜିତ ପାଣିଗ୍ରାହୀ ସଙ୍ଗୀତ ଗାଇଥିବା ବେଳେ ଦିଲୀପ ଦେବତା ଧନ୍ୟବାଦ ଅର୍ପଣ କରିଥିଲେ ।



ବରଗଡ଼ରେ ସମଲପୁରୀ ଦିନ୍ ପାଳନ ଅବସରରେ ସାଂସ୍କୃତିକ ଶୋଭାଯାତ୍ରା ।

### କିଡ୍‌ନୀ ରୋଗରେ ମୃତକଙ୍କ ପରିବାରକୁ କ୍ଷତିପୂରଣ ଦାବି

## ଜିଲାପାଳଙ୍କ ଜରିଆରେ ଦାବିପତ୍ର ପ୍ରଦାନ

ବୌଦ୍ଧ,୧।୮(ସ୍ୱ.ପ୍ର)
ବୌଦ୍ଧ ଜିଲା ହରଭଙ୍ଗା ବ୍ଲକରେ କିଡ୍‌ନୀ ରୋଗ ମହାମାରୀ ରୂପ ନେଉଛି । ଏଠାରେ ଏହି ରୋଗରେ ବହୁ ଲୋକଙ୍କ ମୃତ୍ୟୁ ହେବା ସହ ବର୍ତ୍ତମାନ ଅନେକ ଆକ୍ରାନ୍ତ ଥିବା ଜଣାପଡିଛି । ହରଭଙ୍ଗା ବ୍ଲକର ଧଳପୁର, ହରଭଙ୍ଗା, ବୁକେସିଙ୍ଗା, ଖରଶଙ୍କୁଲୋଇ, ସାକୁସିଙ୍ଗା, ଜବଲପୁର, ଭେଜିଗୋରା, ପାଣିଘେରା, ବାଲିପଟା, ପଲସାପାଟ, ବରଝୁଲି, କରଞ୍ଜକଟା, ଖଣ୍ଡହାତା, ବାଇସିପଡା, ଶଙ୍କଡା, ଚାରିଛକ ଆଦି ଗ୍ରାମରେ ପ୍ରାୟ ୧୫୦ରୁ ଅଧିକ ଲୋକଙ୍କ ମୃତ୍ୟୁ ହୋଇଥିବା ବେଳେ ବହୁ ଲୋକ ମୃତ୍ୟୁ ସହ ସଂଗ୍ରାମ କରୁଛନ୍ତି । ଆହୁରି ମଧ୍ୟ କିଛି ପରିବାର ପୁରୁଷ ଶୂନ୍ୟ ହୋଇପଡିଥିବା ଜଣାପଡିଛି ।

ହରଭଙ୍ଗା ବ୍ଲକ ଆଦିବାସୀ ହରିଜନ ବହୁଳ । ଏଠାକାର ଅଧିବାସୀ ସାମାଜିକ ଅନଗ୍ରସର ଅଟନ୍ତି । ଫଳରେ ଏମାନେ କିଡ୍‌ନୀ ରୋଗର ଚିକିତ୍ସା କରିପାରୁନାହାନ୍ତି। ଏ ନେଇ ଗୁରୁବାର ବୌଦ୍ଧ ଜିଲା କିଡନୀ ରୋଗ ନିରାକରଣ କମିଟି ପକ୍ଷରୁ ଗଭୀର ଉଦବେଗ ପ୍ରକାଶ ପାଇବ ସହ ତୁରନ୍ତ ଏକ ବିଶେଷଜ୍ଞ ଦଳ ପଠାଇ ଏହାର କାରଣ ଖୋଜିବା ସହ ଯେପରି ଜିଲାରୁ ଏହି ରୋଗ ଲୋପ ପାଇବ ସେଥିପ୍ରତି ପଦକ୍ଷେପ ନେବାକୁ ଦାବି କରାଯାଇଛି । ଏହାସହ ତୁରନ୍ତ ଜିଲାରେ କିଡ୍‌ନୀ ରୋଗ ଜନିତ ମୃତକଙ୍କ ପରିବାରକୁ କ୍ଷତିପୂରଣ ଓ କିଡ୍‌ନୀ ଆକ୍ରାନ୍ତଙ୍କୁ ସରକାରୀ ସହାୟତା ଯୋଗାଇ ଦେବା ପାଇଁ ଜିଲାପାଳଙ୍କ ଜରିଆରେ ଏକ ଦାବିପତ୍ର ମୁଖ୍ୟମନ୍ତ୍ରୀଙ୍କ ନିକଟକୁ ପଠାଯାଇଛି । ଏହି ଦାବିପତ୍ର ଦେବା ସମୟରେ କିଡ୍‌ନୀ ରୋଗ ନିରାକଣ କମିଟିର ଅକ୍ଷୟ କୁମାର ଦେହୁରୀ, ଶଶାଙ୍କ ପ୍ରଧାନ, ଅରୁଣ ଅମାତ, କପିଳ ମହାଳିକ, ପାର୍ଥସାରଥି ପ୍ରଧାନ, ବିପ୍ରଚରଣ ମହାନ୍ତି, ମାଗୁଣୀ ଗାଇଗୌରିଆ ଓ ଦେବାଶିଷ ପୁରୋହିତ ଉପସ୍ଥିତ ଥିଲେ ।

# ଅପରେଶନ ପରୀ-୩: ୬୩ ଶିଶୁ ଶ୍ରମିକ ଉଦ୍ଧାର

## ଶିଶୁ ମଙ୍ଗଳ କମିଟିକୁ ହସ୍ତାନ୍ତର ହେଲେ

ବୌଦ୍ଧ,୧।୮(ସ୍ୱ.ପ୍ର)
ଅପରେସନ ପରୀ-୩ କାର୍ଯ୍ୟକ୍ରମରେ ବୌଦ୍ଧ ପୋଲିସ ଓ ଜିଲା ପ୍ରଶାସନର ମିଳିତ ଆନୁକୂଲ୍ୟରେ ୬୩ ଶିଶୁଙ୍କୁ ଜିଲାର ବିଭିନ୍ନ ଅଞ୍ଚଳରୁ ଗୁରୁବାର ଉଦ୍ଧାର କରାଯାଇଛି । ବୌଦ୍ଧ ଆରକ୍ଷୀ ଅଧୀକ୍ଷକ ସୁଧାଂଶୁ ଶେଖର ମିଶ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଜିଲାର ସମସ୍ତ ୬ଟି ଥାନା ଅଞ୍ଚଳରେ ଏକକାଳୀନ ଚଢାଉ ହୋଇଥିଲା । ୭ଟି ଉଦ୍ଧାରକାରୀ ଦଳ ଗଠନ କରି ଜିଲାର ବିଭିନ୍ନ ସ୍ଥାନରେ ଚଢାଉ କରି ଶିଶୁମାନଙ୍କୁ ଉଦ୍ଧାର କରାଯାଇଥିଲା । ଏହି ଟିମ୍ ବିଭିନ୍ନ ହୋଟେଲ, ଢାବା, କିରାନା ଦୋକାନ ଓ ଜଳଖିଆ ଦୋକାନରୁ ଶିଶୁମାନଙ୍କୁ ଉଦ୍ଧାର କରିଥିଲେ । ଉଦ୍ଧାର ପରେ ସମସ୍ତ ଶିଶୁଙ୍କୁ ଡାକ୍ତରୀ ପରୀକ୍ଷା କରି ବୌଦ୍ଧ ଶିଶୁ ମଙ୍ଗଳ କମିଟିରେ ହାଜର କରାଯାଇଥିଲା । ଅଭିଭାବକଙ୍କ ପରିଚୟପତ୍ର ଯାଞ୍ଚ କରି ତଥା ଅଭିଭାବକଙ୍କଠାରୁ ବ୍ୟକ୍ତିଗତ ଚୁକ୍ତିନାମା ପତ୍ରରେ ସ୍ୱାକ୍ଷର କରି ଶିଶୁଙ୍କୁ ସେମାନଙ୍କ ପରିବାରବର୍ଗଙ୍କୁ ହସ୍ତାନ୍ତର କରାଯାଇଥିବା ଶିଶୁ ମଙ୍ଗଳ କମିଟି ପକ୍ଷରୁ ସୂଚନା ମିଳିଛି । ଏହି ଅପରେସନରେ ଶିଶୁ ମଙ୍ଗଳ କମିଟିର ଅଧ୍ୟକ୍ଷ ସାକ୍ଷୀଗୋପାଳ ପ୍ରଧାନ, ବୌଦ୍ଧ ଆଦର୍ଶ ଥାନା ଅଧିକାରୀ ତପସ୍ୱିନୀ କହଁର, ଶ୍ରମ ନିରୀକ୍ଷକ ଦିବ୍ୟଶଙ୍କର ଧରୁଆ ଓ ଶିଶୁ ସୁରକ୍ଷା ୟୁନିଟର ଧନୟ ଖମାରୀୟଙ୍କ ସହ ସମସ୍ତ ଥାନା ଅଧିକାରୀ ସାମିଲ ହୋଇଥିଲେ ।



ଅପରେଶନ ପରୀ କାର୍ଯ୍ୟକ୍ରମରେ ଉଦ୍ଧାର ହୋଇଥିବା ଶିଶୁ ଶ୍ରମିକମାନେ ।



ଯେତେବେଳେ ଆମେ ନିଜ ପାଇଁ ବଞ୍ଚିବା ଛାଡ଼ିଦେଉ,
ସେତେବେଳେ ଜୀବନ ଏକ ତୀର୍ଥରେ ପରିଣତ ହୁଏ।
- ଜେ.ଏସ୍. ଗୋଲ୍ଡସ୍ମିଥ



## ସଂକ୍ଷେପରେ

### ରାସ୍ତାକଡ଼ରୁ ଯୁବକଙ୍କ ମୃତଦେହ ଉଦ୍ଧାର

**ମୁରିବାହାଲ, ୧।୮(ଡି.ଏନ.ଏ.):** ବଲାଙ୍ଗୀର ଜିଲା ମୁରିବାହାଲ ଥାନା ତଥା ବଡସାଇମରା ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ଟେଙ୍ଗରା ଗ୍ରାମ ବରଗଛ ନିକଟ ରାସ୍ତାରେ ଗୁରୁବାର ସକାଳେ ଜଣେ ଯୁବକଙ୍କ ମୃତଦେହ ଉଦ୍ଧାର କରାଯାଇଛି। ମୃତକ ହେଲେ ବେଲପଡା ଥାନା ଅନ୍ତର୍ଗତ ଭାଲୁବାହିଲି ଗ୍ରାମର ଶିବ ବନଗୁଲା(୨୪)। ୩ବର୍ଷ ତଳେ ସେ ବଡସାଇମରା ଗ୍ରାମର ଚମ୍ପେଶ୍ୱର ଭୋଇଙ୍କ ଝିଅ ସୁରେଖାଙ୍କୁ ବିବାହ କରିଥିଲେ। ତାଙ୍କର ୧ ବର୍ଷର ଗୋଟିଏ ପୁଅ ଅଛି। ଗତ ବୁଧବାର ଶିବ ଶ୍ୱଶୁର ଘର ବଡସାଇମରାକୁ କକାପୁଅ ଭାଇ ଡଙ୍ଗର ବନଗୁଲାଙ୍କ ସହ ଆସିଥିଲେ। ପରେ ସେଠାରୁ ଦୁଇଭାଇ ଚାଲିଚାଲି ଟେଙ୍ଗରା ଅଭିମୁଖେ ଯାଇଥିଲେ। ହେଲେ ସକାଳେ ଶିବଙ୍କର ମୃତଦେହ ଟେଙ୍ଗରା ବରଗଛ ଛକ ନିକଟ ରାସ୍ତାରେ ପଡିଥିବା ଦେଖିବାକୁ ମିଳିଥିଲା। ତାଙ୍କ ମୁଣ୍ଡରେ ଆଘାତ ଲାଗିଛି। ଖବର ପାଇ ମୁରିବାହାଲ ଥାନା ଭାରପ୍ରାପ୍ତ ଅଧିକାରୀ ରଞ୍ଜନ କୁମାର ବରିଆ, ଏଏସଆଇ ପଦ୍ମନାଥ ରାଉତ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ଏ ନେଇ ମୃତକଙ୍କ ପିତା ଗଦି ବନଗୁଲା ତାଙ୍କ ପୁଅକୁ ହତ୍ୟା କରାଯାଇଥିବା ନେଇ ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗକୁ ଭିତ୍ତି କରି ଏକ ମାମଲା (ନଂ. ୯/୧୯)ରୁଜୁ କରାଯାଇଛି। ଅପରାହ୍ନରେ ବ୍ୟବଚ୍ଛେଦ ପରେ ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ପୋଲିସ ମୃତକଙ୍କ ସହ ଯାଇଥିବା ଡଙ୍ଗରଙ୍କୁ ପଚରାଉଚୁରା କରିବା ସହ ଅଧିକ ତଦନ୍ତ ଜାରି ରଖିଛି ବୋଲି ଥାନା ଅଧିକାରୀ ବରିଆ କହିଛନ୍ତି।

### ଭାଜପାର ସଦସ୍ୟତା ଅଭିଯାନ ସଭା

**ଟିକ୍ରାପଡା, ୧।୮(ଡି.ଏନ.ଏ.):** ବଲାଙ୍ଗୀର ଜିଲା ସଇଁତଳାସ୍ଥିତ ଶିବ ମନ୍ଦିର ପରିସରରେ ଭାଜପାର ବ୍ଲକସ୍ତରୀୟ ସଦସ୍ୟତା ଅଭିଯାନ ସଭା ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଜିଲଶ କାର୍ଯ୍ୟକାରିଣୀ ସଦସ୍ୟ ଅକ୍ଷୟ ରଣା, ଜିଲା ପରିଷଦ ଉପାଧ୍ୟକ୍ଷ ପାଣ୍ଡବ ସାହୁ, ଗୁଡଭେଲା ବ୍ଲକ ଅଧକ୍ଷ ଅଶୋକ ଦୋରା ଅତିଥିଭାବେ ଯୋଗ ଦେଇଥିଲେ। ବିଜୟ ପାତ୍ର ସଭାରେ ଅଧ୍ୟକ୍ଷତା କରିଥିଲେ। ଗୋବିନ୍ଦ ସାହୁ ସଭା ସଂଯୋଜନା କରିଥିଲେ। ଦଳର ସଦସ୍ୟତା ଅଭିଯାନକୁ ତୀବ୍ରତର କରାଯିବା ସହ ସଙ୍ଗଠନକୁ ସୁଦୃଢ କରିବାକୁ ସମସ୍ତେ ପ୍ରୟାସ କରିବାକୁ ବକ୍ତାମାନେ ଆହ୍ୱାନ ଜଣାଇଥିଲେ। ହେମାକାନ୍ତ ମୁନା, ଅରୁଣ ବେହେରା, ଦେବରାଜ ମହାନନ୍ଦ, ଶେଷଦେବ ରଣା, ଉମେଶ ଭୋଇ, ପ୍ରେମା ସାହୁ, ସୁବାଷ ବେହେରା,ସରୋଜ ସାହୁ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ବ୍ଲକର ସମସ୍ତ ପଞ୍ଚାୟତରୁ ଶତାଧିକ ସଭ୍ୟ ଯୋଗ ଦେଇଥିଲେ।

### ବୃକ୍ଷ ବଞ୍ଚିଲେ ମଣିଷ ସମାଜ ବଞ୍ଚିବ

**ଗୁଡଭେଲା,୧।୮(ଡି.ଏନ.ଏ.)** ବୃକ୍ଷ ବଞ୍ଚିଲେ ମଣିଷ ସମାଜ ବଞ୍ଚିବ। ଏଣୁ ସମସ୍ତ ଜୀବନରେ କିଛି ନ ହେଲେ ମଧ ଦୁଇଟି ବୃକ୍ଷ ଲଗାଇ ତାର ଯତ୍ନ ନେବା ଦରକାର। ଗୁରୁବାର ବଲାଙ୍ଗୀର ଜିଲା ତୁଷୁରା ମାରୱାଡି ଯୁବାମଞ୍ଚ ଓ ସ୍ଥାନୀୟ ଶିଶୁବିଦ୍ୟା ମନ୍ଦିର ପକ୍ଷରୁ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ବୃକ୍ଷରୋପଣର କାର୍ଯ୍ୟକ୍ରମରେ ବକ୍ତାମାନେ ଏହି ମତ ପ୍ରକାଶ କରିଛନ୍ତି। ମାରୱାଡି ଯୁବାମଞ୍ଚ ସଭାପତି ମନୋଜ ଜୈନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ହୋମିଓପାଥି ଚିକିତ୍ସକ ଡା ରାଜେଶ ରାଉତ ମୁଖ୍ୟ ଅତିଥିଭାବେ ଯୋଗ ଦେଥିଲେ। ସମ୍ମାନୀତ ଅତିଥିଭାବେ ପରିଚାଳନା କମିଟି ସଭାପତି ପ୍ରଦୀପ ସାହୁ, ଦୀନଦୟାଲ କେଡିଆ, ବୀରେନ୍ଦ୍ର ଜୈନ ପ୍ରମୁଖ ଯୋଗ ଦେଇଥିଲେ। ରୋହିତ ଅଗ୍ରୱାଲ, ଲିଲି ବାଗ,ସଙ୍ଗୀତ ଜୈନ, ସୁଶିଲ ମେହେର, ବୃନ୍ଦାବନ ମେହେର ଉପସ୍ଥିତ ଥିବା ବେଳେ ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ରବିନ୍ଦ୍ର ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

ବିଧାନସଭାରେ ଗୁରୁତର ଅଭିଯୋଗ ଆଣିଲେ କଣ୍ଟାବାଞ୍ଜି ବିଧାୟକ

# ବଲାଙ୍ଗୀର ଜିଲାରେ ଚରମ ସୀମାରେ ପହଞ୍ଚିଛି ପିଡିଏସ୍ ଦୁର୍ନୀତି

**ବଲାଙ୍ଗୀର ଅଫିସ, ୧।୮**

- ପୂର୍ବତନ ଡ୍ରାଇଭର ଚଳାଉଛନ୍ତି ଜିଲାର ପିଡିଏସ୍ ବ୍ୟବସ୍ଥା
- ଷ୍ଟୋରେଜ ଏଜେଣ୍ଟ ଏବେ ୫୦ କୋଟିର ମାଲିକ

ବଲାଙ୍ଗୀର ଜିଲାର ପିଡିଏସ୍ ଓ ମଧ୍ୟାହ୍ନଭୋଜନ(ଏମ୍‌ଡିଏମ୍) ଦୁର୍ନୀତି ଚର୍ଚ୍ଚାରେ ବୁଧବାର ବିଧାନସଭା କମ୍ପିଥିଲା। କଣ୍ଟାବାଞ୍ଜି ବିଧାୟକ ସନ୍ତୋଷ ସିଂ ସାଲୁଜା ଜିଲାର ପିଡିଏସ୍ ଓ ଏମ୍‌ଡିଏସ୍ ଅନିୟମିତତା ଏବଂ ଦୁର୍ନୀତିକୁ ନେଇ ଗୁରୁତର ଅଭିଯୋଗ ଆଣିବା ସହ ଏହାର ତଦନ୍ତ କରିବାକୁ ଦାବି କରିଥିଲେ। ବିଧାୟକ ସାଲୁଜା କହିଲେ, ବଲାଙ୍ଗୀର ଜିଲାରେ ପିଡିଏସ୍ ଏବଂ ଏମଡିଏମ୍ ଦୁର୍ନୀତି ଚରମ ସ୍ଥିତିରେ ପହଞ୍ଚିଛି । ଜିଲାର ଜଣେ ଷ୍ଟୋରେଜ ଏଜେଣ୍ଟ ଏବେ ୫୦ କୋଟି ଟଙ୍କାର ମାଲିକ ହୋଇଗଲେଣି। ଏହି ଷ୍ଟୋରେଜ ଏଜେଣ୍ଟଙ୍କ ଜଣେ ଭାଇ କିଛିବର୍ଷ ପୂର୍ବରୁ ଜିଲା ଯୋଗାଣ କାର୍ଯ୍ୟାଳୟରେ ଡ୍ରାଇଭର ଭାବେ କାର୍ଯ୍ୟରତ ଥିଲେ । ସେ ଏବେ ଜିଲାର ପିଡିଏସ୍ ଓ ଏମ୍‌ଡିଏମ୍ ବ୍ୟବସ୍ଥା ଚଳାଉଛନ୍ତି । ଏହା ପଛରେ ସରକାରୀ ଦଳର କେଉଁ ବଡବଡିଆ ଲୋକ ଏବଂ କେଉଁ ମନ୍ତ୍ରୀ ସଂପୃକ୍ତ ଅଛନ୍ତି ତାହାର ତଦନ୍ତ କରାଗଲେ ସବୁକଥା ଜଣାପଡିଯିବ ବୋଲି ସେ କହିଥିଲେ । ଜିଲାରେ ଯେଉଁମାନେ ପିଡିଏସ୍ ବଣ୍ଟନରେ ରହିଛନ୍ତି ସେମାନେ ହିଁ ଏମ୍‌ଡିଏମ୍ ପରିଚାଳନା କରୁଛନ୍ତି। ଟିଟିଲାଗଡ ଏବଂ ତୁଷରାରେ ଆହାର କେନ୍ଦ୍ର ପରିଚାଳନା କରୁଛନ୍ତି। ଟିଟିଲାଗଡରେ ଆହାର ଖାଦ୍ୟ ରାନ୍ଧି ତୁଷରା ନେଉଛନ୍ତି । ଜିଲାରେ ପିଡିଏସ୍ ଓ ଏମ୍‌ଡିଏମ୍ ଚାଉଳ ରିସାଇକ୍ଲିଂ କରି ଆହାର କେନ୍ଦ୍ରକୁ ପହଞ୍ଚାଯାଉଛି ବୋଲି ବିଧାୟକ ସାଲୁଜା ଅଭିଯୋଗ କରିଥିଲେ। ବଲାଙ୍ଗୀର ଜିଲାରେ ସରକାର ଜଣେ ଦୁର୍ନୀତିଗ୍ରସ୍ତ ଯୋଗାଣ ଅଧିକାରୀଙ୍କୁ ନିଯୁକ୍ତ କରିଛନ୍ତି ବୋଲି ଅଭିଯୋଗ କରିବା ସହ ତାଙ୍କୁ ତୁରନ୍ତ ଜିଲାରୁ ବିଦା କରନ୍ତୁ ବୋଲି ସେ ଦାବି କରିଥିଲେ।

ବିଧାୟକ ସାଲୁଜାଙ୍କ ଏହି ଅଭିଯୋଗର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେବା ପରେ ଜିଲାରେ ହଇଚଇ ସୃଷ୍ଟି ହୋଇଛି। ଜିଲା ଯୋଗାଣ ଅଫିସ, ଟ୍ରାନ୍ସପୋର୍ଟ କଣ୍ଟ୍ରାକ୍ଟର, ଏମ୍‌ଡିଏମ୍ କଣ୍ଟ୍ରାକ୍ଟରଙ୍କ ଭିତରେ ଆତଙ୍କ ସୃଷ୍ଟି ହୋଇଛି । ବିଧାୟକଙ୍କ ଗୁରୁତର ଅଭିଯୋଗ ସମ୍ପର୍କରେ ଜିଲା ଯୋଗାଣ ଅଧିକାରୀ ଅଭିରାମ ପ୍ରଧାନଙ୍କୁ ପଚରାଯିବାରୁ ବିଧାନସଭାରେ କ'ଣ ଆଲୋଚନା ହୋଇଛି ସେ ଜାଣିନାହାନ୍ତି ବୋଲି କହିଛନ୍ତି । ଜିଲାରେ ପିଡିଏସ୍ ଦୁର୍ନୀତି ନେଇ ତାଙ୍କ ପାଖରେ କୌଣସି ତଥ୍ୟ ନାହିଁ ବୋଲି ସେ କହିଛନ୍ତି । ବଲାଙ୍ଗୀର ଜିଲାର ପିଡିଏସ୍ ଟ୍ରାନ୍ସପୋର୍ଟ କଣ୍ଟ୍ରାକ୍ଟର, ଏମ୍‌ଡିଏମ୍ ଠିକାକୁ ନେଇ ବିଭିନ୍ନ ସମୟରେ ଗୁରୁତର ଅଭିଯୋଗ ହୋଇଛି। ଅନେକ ପିଡିଏସ୍ ଓ ଏମ୍‌ଡିଏମ୍ ଠିକାଦାରଙ୍କ ବିରୋଧରେ ଭିଜିଲାନ୍ସ ତଦନ୍ତ ହୋଇଛି। କେତେଜଣ ଠିକାଦାର, ଷ୍ଟୋରେଜ ଏଜେଣ୍ଟ ଜେଲ ବି ଯାଇଛନ୍ତି। ଅନେକ ଠିକାଦାର କଳା ତାଲିକାଭୁକ୍ତ ହୋଇଛନ୍ତି । ଏସବୁ ସତ୍ତ୍ୱେ ଏକ ଗୋଷ୍ଠୀ ଜିଲାର ପିଡିଏସ୍ ଓ ଏମ୍‌ଡିଏମ୍ କ୍ଷେତ୍ରକୁ ନିଜ କବ୍ଜାରେ ରଖିଛନ୍ତି । ଜିଲାରେ ଚାଉଳ ରିସାଇକ୍ଲିଂକୁ ସାଧାରଣ କଥାରେ ପରିଣତ କରିଛନ୍ତି । ବିଧାନସଭାରେ ଯେଉଁ ଷ୍ଟୋରେଜ ଏଜେଣ୍ଟ ଏବଂ ତାଙ୍କ ଭାଇଙ୍କ ସମ୍ପର୍କରେ ଗୁରୁତର ଅଭିଯୋଗ ଅଣାଯାଇଛି ସେମାନେ ଅତି କମ୍ ସମୟ ଭିତରେ କୋଟିପତି ହୋଇଛନ୍ତି। ଏହା ହିଁ ଜିଲାର ପିଡିଏସ୍ ଦୁର୍ନୀତିର ନିଦର୍ଶନ ବୋଲି ଏଠାରେ ଚର୍ଚ୍ଚା ଜୋର ଧରିଛି। ଏତେ ଦୁର୍ନୀତି ଅଭିଯୋଗ ସତ୍ତ୍ୱେ ଜିଲା ପ୍ରଶାସନ ଓ ଭିଜିଲାନ୍ସ ଅଧିକାରୀମାନେ ଚୁପ୍ ହୋଇ ବସିରହିବା ଘଟଣା ପ୍ରଶାସନିକ ସ୍ୱଚ୍ଛତା ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରୁଛି । ଜିଲାରେ ଏବେ ଟ୍ରାନ୍ସପୋର୍ଟ କଣ୍ଟ୍ରାକ୍ଟର ଏଲ-୨ ଠିକା (୨୦୧୭-୧୯ବର୍ଷ) ଚୁକ୍ତିକୁ ତୃତୀୟ ଥର ସକାଶେ ସମ୍ପ୍ରସାରଣ କରାଯାଇଛି। ଗୋଟିଏ ପଟେ ଜିଲାସ୍ତରୀୟ ଟେଣ୍ଡର କମିଟି ୨୦୧୯-୨୧ ବର୍ଷ ସକାଶେ ଟେଣ୍ଡର ଚୂଡାନ୍ତ କରି ଅନୁମୋଦନ ସକାଶେ ଯୋଗାଣ ନିଗମ ଏମ୍‌ଡିଙ୍କ ପାଖକୁ ପଠାଇଥିଲେ ମଧ ଏପର୍ଯ୍ୟନ୍ତ ଏହା ଅନୁମୋଦନ ଲାଭ କରିନାହିଁ ବୋଲି ଅଭିଯୋଗ ହୋଇଛି । ଗୁରୁବାର ଠାରୁ ଅଗଷ୍ଟ ୩୧ ପର୍ଯ୍ୟନ୍ତ ପୁଣି ଏକ ମାସ ପାଇଁ ପୁରୁଣା ଟ୍ରାନ୍ସପୋର୍ଟ କଣ୍ଟ୍ରାକ୍ଟରଙ୍କ ଚୁକ୍ତିକୁ ସମ୍ପ୍ରସାରଣ କରାଯାଇଥିବାରୁ ଏହାର ଭିତିର ଉଦ୍ଦେଶ୍ୟ କ'ଣ ଜଣାପଡିନାହିଁ । ଜିଲାରେ ଏବେ ପ୍ରାୟ ୧ କୋଟି ଟଙ୍କାର କିକ୍‌ବ୍ୟାକ୍ ହୋଇଥିବା ଚର୍ଚ୍ଚାର ବିଷୟ ହୋଇଛି ।



ଶିଶୁଗୀତି କବିତା ମାମୁଘର ଗାଁ ପୁସ୍ତକ ଉନ୍ମୋଚନ ଉତ୍ସବରେ ଲେଖକ କାର୍ତ୍ତିକେଶ୍ୱର ଲେଙ୍କା ବକ୍ତବ୍ୟ ଦେଉଛନ୍ତି ।

# ଶିଶୁଗୀତି ସଙ୍କଳନ ମାମୁଘର ଗାଁ ଉନ୍ମୋଚିତ

**ବଲାଙ୍ଗୀର ଅଫିସ, ୧।୮**

ବଲାଙ୍ଗୀର ଜିଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ସଭାକକ୍ଷରେ ଜିଲା ଲେଖକ ପରିଷଦ ଆନୁକୂଲ୍ୟରେ ଜିଲା ଶିକ୍ଷା ଅଧିକାରୀ ତଥା ସାହିତ୍ୟିକ କାର୍ତ୍ତିକେଶ୍ୱର ଲେଙ୍କାଙ୍କ ୨୬ଟି ମନଛୁଆଁ ଶିଶୁଗୀତି କବିତା ସଂକଳନ ମାମୁଘର ଗାଁ ଉନ୍ମୋଚିତ ହୋଇଛି । ପରିଷଦ ସଭାପତି ମଳୟ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉନ୍ମୋଚନ ଉତ୍ସବରେ ଲେଖକ କାର୍ତ୍ତିକେଶ୍ୱର ଲେଙ୍କା, ପରିଷଦ ସମ୍ପାଦକ କପିଳେଶ୍ୱର ଖମାରୀ, ସଙ୍ଗୀତଜ୍ଞ ତଥା ଚିତ୍ରଶିଳ୍ପୀ ଦିଲୀପ କୁମାର ସିଂଦେଓ, ପୁଇଁନ୍ତଲା ବିଇଓ ନେପାଳ ଚନ୍ଦ୍ର ବାଗ, ବଲାଙ୍ଗୀର ବିଇଓ ରିଚପାଲ ସାଗର, ଶିକ୍ଷାବିତ ପଦ୍ମଚରଣ ଆଚାର୍ଯ୍ୟ, ଜିଲା ବିଜ୍ଞାନ ତତ୍ତ୍ୱାବଧାରକ ନୀଳମଣି ପଟେଲ ପୁସ୍ତକ ସମ୍ପର୍କରେ ଅଭିଭାଷଣ ପ୍ରଦାନ କରିଥିଲେ । କାର୍ଯ୍ୟକ୍ରମକୁ ପରିଷଦ ଯୁଗ୍ମ ସମ୍ପାଦକ ଅରବିନ୍ଦ ବାଗ ସଂଯୋଜନା କରିଥିଲେ । ପରିଷଦ ଉପସଭାପତି ବିଶ୍ୱମୟ ପୂଜାରୀ, ଶିକ୍ଷା ବିଭାଗୀୟ ଅଧିକାରୀ, ପ୍ରଧାନ ଶିକ୍ଷକ, ପ୍ରଧାନ ଶିକ୍ଷୟତ୍ରୀ, ଶିକ୍ଷକ ଶିକ୍ଷୟତ୍ରୀ, ଲେଖକ, କବି, ଛାତ୍ରୀଛାତ୍ର ଉପସ୍ଥିତ ଥିଲେ । ଲେଖକ ଲେଙ୍କା ତାଙ୍କ ପୁସ୍ତକ ସମ୍ପର୍କରେ କହିବା ସହ ଏହା ଛାତ୍ରୀଛାତ୍ରୀମାନଙ୍କ ପାଇଁ ଉପାଦେୟ ହେବ ବୋଲି ଆଶାପ୍ରକାଶ କରିଥିଲେ । ସଭାପତି ମିଶ୍ର ଜିଲା ଶିକ୍ଷା ଅଧିକାରୀଙ୍କୁ ଜିଲାର ସ୍କୁଲ ଗୁଡିକରେ ଲାଇବ୍ରେରୀ ଓ ଲାଇବ୍ରେରୀ ଶ୍ରେଣୀର ପୁନଃ ସକ୍ରିୟତା ନିମନ୍ତେ ଦୃଷ୍ଟି ଆକର୍ଷଣ କରିଥିଲେ । ଶେଷରେ ପୁସ୍ତକର ପ୍ରକାଶକ ଅଜିତ କୁମାର ମହାନ୍ତି ଧନ୍ୟବାଦ ଦେଇଥିଲେ ।

# ସିଆରପିଏଫ୍ ଯବାନଙ୍କ ଶେଷକୃତ୍ୟ ସମ୍ପନ୍ନ



ଅନ୍ତିମ ସଂସ୍କାର ପୂର୍ବରୁ କୂଇରେ ଯବାନଙ୍କ ମୃତଦେହକୁ ରଖାଯାଇଛି।

**ଲୋଇସିଂହା, ୧।୮ (ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ଅନ୍ତର୍ଗତ କୁଟେନପାଲି ଗାଁର ସିଆରପିଏଫ ଯବାନ ଯୁଧିଷ୍ଠିର ଧରୁଆ (୪୩) ଆସାମର ସିଲଚରଠାରେ ଗତ ସୋମବାର ପ୍ରାଣ ହରାଇଥିଲେ। ଗୁରୁବାର ମଧ୍ୟାହ୍ନରେ ତାଙ୍କ ମରଶରୀର ଗାଁରେ ପହଞ୍ଚିଥିଲା ପରେ ଏକ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା । ଗାଁ ଶ୍ମଶାନରେ ସିଆରପିଏଫ ୧୭୫ ବାଟାଲିୟନ ପକ୍ଷରୁ ତାଙ୍କୁ ରାଷ୍ଟ୍ରୀୟ ସମ୍ମାନ ପ୍ରଦାନ କରାଯାଇଥିଲା । ଏହାପରେ ତାଙ୍କ ୪ ବର୍ଷୀୟ ପୁଅ ମୁଖାଗ୍ନି ଦେଇଥିଲେ। କୁଟେନପାଲି ପଞ୍ଚାୟତ ସଦର ଗାଁର ସ୍ୱର୍ଗତ ମହୁରିଆ ଧରୁଆଙ୍କ ଦ୍ୱିତୀୟ ପୁଅ ଯୁଧିଷ୍ଠିର ୨୦୦୩ରେ ସିଆରପିଏଫରେ ଯୋଗଦେଇଥିଲେ। କିଛିମାସ ତଳେ ସେ ଗୌହାଟିସ୍ଥିତ ସିଆରପିଏଫ କ୍ୟାମ୍ପରେ ଯୋଗଦେଇ ସିଲଚରରେ ଟ୍ରେନିଂ ନେଉଥିଲେ । ଗତ ସୋମବାର ଅସୁସ୍ଥତା ଅନୁଭବ କରିବାରୁ ତାଙ୍କୁ ସ୍ଥାନୀୟ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା । ତେବେ ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା। ସମ୍ବଲେଶ୍ୱରୀ ଏକ୍ସପ୍ରେସରେ ଅଣାଯାଉଥିବା ତାଙ୍କ ମରଶରୀର ଗୁରୁବାର ମଧ୍ୟାହ୍ନ ୧୨ଟାରେ ବଲାଙ୍ଗୀର ଷ୍ଟେଶନରେ ପହଞ୍ଚିଥିଲା। ସେଠାରେ ଜିଲା ପ୍ରଶାନନ ପକ୍ଷରୁ ଏବଂ ଲୋଇସିଂହା କଲେଜ ଛକଠାରେ ଅବସରପ୍ରାପ୍ତ ସୈନିକ ସଂଘ, ଆଦିବାସୀ ସଂଘ ଓ ବିଭିନ୍ ସଂଗଠନ ଓ ଜନସାଧାରଣ ପକ୍ଷରୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା । ମରଶରୀରକୁ ଲୋଇସିଂହା କଲେଜ ଛକଠାରୁ ପ୍ରାୟ ୫ କମି ଦୂର ତାଙ୍କ କୁଟେନପାଲି ଗ୍ରାମକୁ ଏକ ବାଇକ ଶୋଭାଯାତ୍ରାରେ ନିଆଯାଇଥିଲା । ସେଠାରେ ପରିବାର, ବନ୍ଧୁବର୍ଗ, ବିଭିନ୍ନ ରାଜନୈତିକ ବ୍ୟକ୍ତିବିଶେଷଙ୍କ ସହ ଆଇଆଇସି ଲଳିତା ଲେକ୍ରା, ବିଡିଓ ରାମଚନ୍ଦ୍ର ଖାଡିଆ, ତହସିଲଦାର ଆରତୀ ଭୋଇ, ବ୍ଲକ ଉପାଧ୍ୟକ୍ଷ ଯତିନ୍ଦ୍ର ପଟେଲ ପ୍ରମୁଖ ଶେଷଦର୍ଶନ କରିଥିଲେ। ବିଡିଓ ଖାଡିଆ ଜିଲା ପ୍ରଶାସନ ପକ୍ଷରୁ ରେଡକ୍ରସରୁ ୩୦ ହଜାର ଟଙ୍କାର ଚେକ ସହାୟତା ପରିବାର ଲୋକଙ୍କୁ ପ୍ରଦାନ କରାଯାଇଥିଲା । ଉଲ୍ଲେଖଯୋଗ୍ୟ ଯେ, ଯୁଧିଷ୍ଠିରଙ୍କ ସ୍ତ୍ରୀ ସୁମିତ୍ରା, ୯ ବର୍ଷର ଝିଅ ଓ ୪ ବର୍ଷର ପୁଅ ଅଛି।

## ମୁଖ୍ୟ ସଡକରେ ପଡିଥିବା ଗଛ ଉଠିଲା

**କଣ୍ଟାବାଞ୍ଜି, ୧।୮(ଡି.ଏନ.ଏ.)**

ବଲାଙ୍ଗୀର ଜିଲା କଣ୍ଟାବାଞ୍ଜି-ତୁରେକେଲା ରାସ୍ତାର ଦାବିରି ଗାଁ ନିକଟରେ ବୁଧବାର ରାତିର ପବନ, ବର୍ଷାରେ ଏକ ପୁରୁଣା ବବୁଲ ଗଛ ଉପୁଡି ପଡିଥିଲା । ଏଥିଯୋଗୁ ସମ୍ପୃକ୍ତ ରାସ୍ତାରେ ପ୍ରାୟ ୫ଘଣ୍ଟା ଧରି ଯାତାୟାତ ବନ୍ଦ ରହିଥିଲା। ଅଗ୍ନିଶମ ବାହିନୀ ଗୁରୁବାର ସକାଳେ ଘଟଣାସ୍ଥଳରେ ପହଞ୍ଚି ପହଞ୍ଚି ରାସ୍ତା ଉପରେ ପଡିଥିବା ଗଛକୁ ମେଶିନରେ କାଟି ହଟାଇଥିଲେ। ସ୍ଥାନୀୟ ଅଗ୍ନିଶମ ଅଧିକାରୀ ଅସିତ କୁମାର ଜେନାଙ୍କ ନେତୃତ୍ୱରେ ବିଭାଗୀୟ କର୍ମଚାରୀମାନେ ଏହି କାର୍ଯ୍ୟରେ ନିୟୋଜିତ ହୋଇଥିଲେ ।

# ଶାରୀରିକ ଶିକ୍ଷା ଶିକ୍ଷକଙ୍କ ବୈଠକ

**ବଲାଙ୍ଗୀର ଅଫିସ, ୧।୮**

ବଲାଙ୍ଗୀର ଜିଲା ପଥର୍ଲା ସ୍ଥିତ ଗୌନ୍ତିଆବୁଢା ବିଦ୍ୟାପୀଠରେ ପୁଇଁନ୍ତଲା ବ୍ଲକସ୍ତରୀୟ ଶାରୀରିକ ଶିକ୍ଷକ ସମ୍ମିଳନୀ ଅନୁଷ୍ଠିତ ହୋଇଛି। ପ୍ରଧାନଶିକ୍ଷକ ଗୋବର୍ଦ୍ଧନ ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବ୍ଲକ ଶିକ୍ଷା ଅଧିକାରୀ ନେପାଳ ଚନ୍ଦ୍ର ବାଗ ମୁଖ୍ୟଅତିଥିଭାବେ ଯୋଗଦେଇଥିଲେ। ସମ୍ମାନିତ ଅତିଥିଭାବେ ଜିଲା ପରିଷଦ ସଭ୍ୟ ରାଜକିଶୋର ନାଏକ ଓ ଅବସରପ୍ରାପ୍ତ ଶାରୀରିକ ଶିକ୍ଷକ ପଦ୍ମଚରଣ ଦାଶ, ଦେବୀପ୍ରସାଦ ରାଉତ ମଞ୍ଚାସୀନ ଥିଲେ । ଅନ୍ତର୍ଯ୍ୟାମୀ ବିଶ୍ୱାଳ ସଭା ପରିଚାଳନା କରିଥିଲେ। ଉକ୍ତ ସମ୍ମିଳନୀରେ ବ୍ଲକର ବିଭିନ୍ନ ବିଦ୍ୟାଳୟରୁ ଆସିଥିବା କ୍ରୀଡା ଶିକ୍ଷକ, ଶିକ୍ଷୟିତ୍ରୀମାନେ ଯୋଗଦେଇ ମତ ଉପସ୍ଥାପନ କରିଥିଲେ। ସଭା ପ୍ରାରମ୍ଭରେ ବିଦ୍ୟାଳୟ ଛାତ୍ରୀମାନେ ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିଲେ । ବିଦ୍ୟାଳୟ ପରିଚାଳନା କମିଟି ସଭ୍ୟା, ସଭ୍ୟ, କର୍ମଚାରୀ ସଭାରେ ଉପସ୍ଥିତ ରହି ସହଯୋଗ କରିଥିଲେ । ଶେଷରେ ବାସୁଦେବ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ ।



ବ୍ଲକ୍‌ସ୍ତରୀୟ ଶାରୀରିକ ଶିକ୍ଷା ଶିକ୍ଷକ ସମ୍ମିଳନୀରେ ମଞ୍ଚାସୀନ ଅତିଥି ।

# ତହସିଲଦାରଙ୍କୁ ଫେରାଦ ହେଲେ ଚାଷୀ

**ଗୁଡଭେଲା,୧।୮(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଗୁଡଭେଲା ବ୍ଲକ ଅନ୍ତର୍ଗତ ରୁଷୁଡା ଓ ଚିଞ୍ଚେଡ ଗ୍ରାମ ପଞ୍ଚାୟତର ଶତାଧିକ ଚାଷୀ ଗୁରୁବାର ତୁଷୁରା ତହସିଲଦାର ଚନ୍ଦ୍ରମଣୀ ନାଗଙ୍କୁ ୫ ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରିଛନ୍ତି। ଏହା ପୂର୍ବରୁ ରୁଷୁଡା ସମବାୟ ସମିତି ସଭାପତି ପୃଥ୍ୱୀରାଜ ନନ୍ଦଙ୍କ ସଭାପତିତ୍ୱରେ ତହସିଲ କାର୍ଯ୍ୟାଳୟ ପରିସରରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ପୂର୍ବତନ ଜିଲା ପରିଷଦ ସଭ୍ୟ ମହୋ ନାଗ, ଚିଞ୍ଚେଡ ଗ୍ରାମ ପଞ୍ଚାୟତ ସରପଞ୍ଚ ଗୋପାଳ ଚନ୍ଦ୍ର ଭୋଇ, ବିହାରୀଲାଲ ସାହୁ ଓ କୈଳାସ ବେହେରା ପ୍ରମୁଖ ବ୍ୟକ୍ତବ୍ୟ ରଖି ଶାସନପାଲିସ୍ଥିତ ତେଲନଦୀରେ ଥିବା ବୃହତ ଜଳସେଚନ ପ୍ରକଳ୍ପ ଅଧିକାରୀଙ୍କ ଭୁଲ ସର୍ଭେ ଯୋଗୁଁ ୯୫ପ୍ରତିଶତ ଜମିକୁ ପାଣି ମାଡି ପାରୁ ନ ଥିବା କହିଛନ୍ତି। ଏଣୁ ପୁନଃ ସର୍ଭେ କରାଯିବା ସହ ସ୍ଥାନୀୟ ଚାଷୀଙ୍କ ସହ ଆଲୋଚନା କରାଯାଉ। ବୁଢାଖମନ, ଲଖାରପଦର, ତୁର୍ଲା ଗ୍ରାମର ଚାଷୀଙ୍କୁ ଜଳଯୋଗାଣ, ବୃହତ ଜଳପ୍ରକଳ୍ପ ନିକଟରେ ବ୍ୟାରେଜ ନିର୍ମାଣ, ୨୦୧୮ ଖରିଫ ଋତୁରେ ଏହି ଦୁଇ ପଞ୍ଚାୟତବାସୀ ମରୁଡିର ସମ୍ମୁଖୀନ ହୋଇଥିଲେ ସୁଦ୍ଧା ପ୍ରଧାନମନ୍ତ୍ରୀ ଫସଲ ବୀମାରୁ ବଞ୍ଚିତ ହୋଇଛନ୍ତି। ଏଣୁ ଏହାର ଅନୁସନ୍ଧାନ କରି ବୀମା ଅର୍ଥ ଯୋଗାଇ ଦେବାକୁ ସେମାନେ ଦାବି କରିଥିଲେ। ଚଳିତ ଖରିଫ ଫସଲ ବର୍ଷା ଅଭାବରୁ ନଷ୍ଟ ହେବାକୁ ବସିଲାଣି। ତେଣୁ ଏହି ଅଞ୍ଚଳକୁ ତୁରନ୍ତ ମରୁଡି ଘୋଷଣା କରି କ୍ଷତିପୂରଣ ଯୋଗାଣ, ରୁଷୁଡା ଗ୍ରାମ ପଞ୍ଚାୟତର ଶାସନପାଲିରେ ଥିବା ବୃହତ ଜଳ ପ୍ରକଳ୍ପର ନାମ ପରିବର୍ତ୍ତନ କରି ଆମ୍ବଦହନ କରିବା, ଏହି ପ୍ରକଳ୍ପ ଥିବା ସ୍ଥାନରେ ବିଜୁ କୃଷକ ବିକାଶ ଯୋଜନାରେ ସାମୂହିକ ନଳକୂପ ଓ ଜଳନିଧି ଯୋଜନାକୁ ବନ୍ଦ କରା ନ ଯାଉ ବୋଲି ଦର୍ଶାଯାଇଛି। କୃଷକ ନେତା ଦେବରାଜ ସାହୁ, ପ୍ରକାଶ ଚନ୍ଦନ, ରବିନ୍ଦ୍ର ସେଠ, ନରସିଂହ ସାହୁ, ମନୋଜ ବୁଡେକ, ଦୈତାରୀ ଆଚାର୍ଯ୍ୟ, ରମାକାନ୍ତ ଦାଶ, ବୃନ୍ଦାବନ୍ଦ ତ୍ରିପାଠୀ, ଚନ୍ଦ୍ରଭାନୁ ସୁନା ପ୍ରମୁଖ ଦାବିପତ୍ର ପ୍ରଦାନ ସମୟରେ ଉପସ୍ଥିତ ଥିଲେ ।



କୃଷକମାନେ ତହସିଲଦାର ଚନ୍ଦ୍ରମଣି ନାଗଙ୍କୁ ଦାବିପତ୍ର ପ୍ରଦାନ କରୁଛନ୍ତି ।

## ଫଟୋରେ ଖବର








ବଲାଙ୍ଗୀର ଡିଆଇଇଟି ସ୍କୁଲ ସମ୍ମୁଖ ଡ୍ରେନ୍ ଭାଙ୍ଗିଯାଇଥିବାରୁ ଡ୍ରେନ୍‌ର ଆବର୍ଜନା ଓ ପାଣି ରାସ୍ତା ଉପରକୁ ଆସିଯାଉଛି। ଜାତୀୟ ରାଜପଥ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ପଡୁନାହିଁ (ବାମ)। ବଲାଙ୍ଗୀର ସୁଦପଡାଠାରେ ଶୀତଳଷଷ୍ଠୀ ମଣ୍ଡପ ନିର୍ମାଣ ପାଇଁ ଜୟ ମାଁ ଏସ୍‌ଏଚ୍‌ଜିର ମହିଳା ସଦସ୍ୟମାନେ କମିଟି ସଦସ୍ୟଙ୍କୁ ୧୫ହଜାର ଟଙ୍କା ସହାୟତା ପ୍ରଦାନ କରୁଛନ୍ତି (ମଝି)। ବଲାଙ୍ଗୀର ଏକାଡେମିକ୍ ହାଇଟସ୍ ସ୍କୁଲରେ ରୋଟାରି ଏଲିଟ୍ କ୍ଲବ୍ ତରଫରୁ ବୃକ୍ଷରୋପଣ କାର୍ଯ୍ୟକ୍ରମ । (ଫଟୋ-ସୁନୀଲ)



ଜ୍ଞାନର ଅଭାବ ହେଲେ ପ୍ରକୃତ ସ୍ୱାଧୀନତା ମିଳେନାହିଁ।
- ମହାତ୍ମା ଗାନ୍ଧୀ

## ସଂକ୍ଷେପରେ

### ମହିଳାଙ୍କୁ ଉଦ୍ଧାର କଲା ପୋଲିସ

ତୁଣ୍ଡଲା,୧।୮(ଡି.ଏନ.ଏ.)- କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ ବେଲଖଣ୍ଡି ଅଞ୍ଚଳରେ ଜଣେ ଅଜଣା ୭୦ ବର୍ଷିୟା ବୃଦ୍ଧାଙ୍କୁ ମଙ୍ଗଳବାର ପୋଲିସ ପକ୍ଷରୁ ଉଦ୍ଧାର କରାଯାଇଛି। ବୃଦ୍ଧା ମହିଳା ଜଣକ ପଣ୍ଡଚେରୀ ଅଞ୍ଚଳରୁ ଆସି ବେଲଖଣ୍ଡି ଡାକ୍ତରଖାନା ସମ୍ମୁଖରେ ଥିବା ଏକ ଷ୍ଟଲରେ ୫ ଦିନ ପୂର୍ବରୁ ରହି ଆସୁଥିଲେ। ସ୍ଥାନୀୟ ବେଲଖଣ୍ଡି ସରପଞ୍ଚ ଝସନେତ୍ରୀ ଭୋଇ ଓ ସିର୍ଜାପାଲି ସରପଞ୍ଚ ସଂସାର ଭୋଇ ପଲମ ଫାଣ୍ଡିକୁ ଖବର ଦେବା ପରେ ଏହି ଅଜଣା ମହିଳାଙ୍କୁ ପୋଲିସ ଉଦ୍ଧାର କରି ମିଶନାରୀ ଆଶ୍ରମଠାରେ ରଖିଥିବା ଜଣାପଡିଛି।



### ସ୍ୱୟଂ ସହାୟିକା ଗୋଷ୍ଠୀ ପକ୍ଷରୁ ଗାଁ ସଫେଇ କାର୍ଯ୍ୟକ୍ରମ

ତୁଣ୍ଡଲା,୧।୮ (ଡି.ଏନ.ଏ.)- କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ ସିର୍ଜାପାଲି ପଞ୍ଚାୟତର ଦିଗସିରା (ଗୁଗୁଡିପଡା)ଠାରେ ଓଡିଶା ଲାଇଫଲିହୁଡ ମିଶନ (ଓଏସଏମ) ପକ୍ଷରୁ ସ୍ୱୟଂ ସହାୟିକା ଗୋଷ୍ଠୀମାନଙ୍କୁ ନେଇ ବୁଧବାର ଗାଁ ରାସ୍ତା କଡ, ଡ୍ରେନ, ଗାଧୁଆତୁଠଗୁଡିକୁ ସଫେଇ କରିଥିଲେ। ଏହି କାର୍ଯ୍ୟକ୍ରମରେ ରାମଚଣ୍ଡୀ ସ୍ୱୟଂ ସହାୟିକା ଗୋଷ୍ଠୀ, ମା' ଗୌରୀ, ମା' ମଙ୍ଗଳା, ମା' ମହାମାୟୀ, ମା' ତୁଳସୀ, ଜୟ ଶ୍ରୀରାମ ସ୍ୱୟଂ ସହାୟିକା ଗୋଷ୍ଠୀ ସମ୍ପାଦିକା, ସଭାନେତ୍ରୀ ଓ ସମସ୍ତ ସଭ୍ୟାମାନେ ଯୋଗଦେଇଥିଲେ।



### ନିର୍ମାଣ ପୋଲରେ ଯାନବାହନ ଯାତାୟାତ

ରିଷିଡା,୧।୮(ଡି.ଏନ.ଏ.)- କଳାହାଣ୍ଡି ଜିଲାର ରିଷିଡା-ମ.ରାମପୁର ରାସ୍ତାର ପରମାନପୁର ନିକଟରେ ନିର୍ମିତ ପୋଲ ଉପରେ ବୁଧବାର ଯାନବାହନ ଯାତାୟାତ ଆରମ୍ଭ ହୋଇଛି । ପୋଲ ନିର୍ମାଣ ହେଉଥିବା ସମୟରେ ନିର୍ମାଣ କରାଯାଇଥିବା ଏପ୍ରୋଚ ରୋଡ ମରଣଯନ୍ତା ପାଲଟିଥିଲା ।

ଖମନପଡା ସରକାରୀ ପ୍ରାଥମିକ ବିଦ୍ୟାଳୟ

# ବିପଦସଙ୍କୁଳ ଶ୍ରେଣୀ ଗୃହରେ ପାଠପଢ଼ା

କଲମପୁର,୧।୮ (ଡି.ଏନ.ଏ.)



ଖମନପଡା ସରକାରୀ ପ୍ରାଥମିକ ବିଦ୍ୟାଳୟ ।

ଶିକ୍ଷା ବ୍ୟବସ୍ଥାକୁ ଅଧିକ ଗୁରୁତ୍ୱ ଦେଇ ସରକାର ଅନେକଗୁଡିଏ ଯୋଜନା ପ୍ରଣୟନ କରିଛନ୍ତି। ଏ ପରିକି ଶିକ୍ଷାପ୍ରତି ଆଗ୍ରହ ପାଇଁ ସର୍ବଶିକ୍ଷା ଅଭିଯାନ, ମଧ୍ୟାହ୍ନଭୋଜନ, ମାଗଣା ପୁସ୍ତକ, ଖାତା, ପୋଷାକ, ବୁଟ୍, ସାଇକେଲ ଆଦି ଛାତ୍ରୀଛାତ୍ରମାନଙ୍କୁ ଦେଇ ବହୁ ଅର୍ଥ ଖର୍ଚ୍ଚ କରୁଛନ୍ତି। କିନ୍ତୁ ପରିଚାଳନା ଦାୟିତ୍ୱରେ ଥିବା ବିଭାଗୀୟ ଅଧିକାରୀମାନଙ୍କ ଅବହେଳା ଯୋଗୁ ଏସବୁ ଯୋଜନା ଠିକ୍ ଭାବେ କାର୍ଯ୍ୟକାରୀ ହେଉ ନ ଥିବା ବେଳେ ବିଭିନ୍ନ ଶ୍ରେଣୀ ଗୃହ ବିପଦସଙ୍କୁଳ ଅବସ୍ଥାରେ ରହିଛି। କଳାହାଣ୍ଡି ଜିଲା କଲମପୁର ବ୍ଲକ ମିନଗୁର ପଞ୍ଚାୟତ ଖମନପଡା ସରକାରୀ ପ୍ରାଥମିକ ବିଦ୍ୟାଳୟ ଏବେ ବିପଦ ସଙ୍କୁଳ ଅବସ୍ଥାରେ ଥିବା ଦେଖିବାକୁ ମିଳିଛି ।

୧୯୬୬ରେ ସ୍ଥାପିତ ଏହି ବିଦ୍ୟାଳୟରେ ପ୍ରଥମରୁ ପଞ୍ଚମ ଶ୍ରେଣୀ ରହିଥିବା ବେଳେ ୪୬ଜଣ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି। ସ୍ଥାପିତ ସମୟରେ ଖପରରେ ନିର୍ମିତ ଶ୍ରେଣୀ ଗୃହରେ ବର୍ତ୍ତମାନ ଛାତ୍ରୀଛାତ୍ରମାନେ ପାଠ ପଢୁଛନ୍ତି। ଦୀର୍ଘ ୨୦ ବର୍ଷ ପୂର୍ବେ ବିଦ୍ୟାଳୟ ଗୋଟିଏ ପାର୍ଶ୍ୱରେ ଆଉ ଏକ ଅତିରିକ୍ତ ଶ୍ରେଣୀ ଗୃହ ତିଆରି କରାଯାଇଛି। ହେଲେ ସେହି ଶ୍ରେଣୀ ଗୃହ ମଧ୍ୟ ଏବେ ପାଣି ଗଳୁଛି ଏବଂ କାର୍ଯ୍ୟରେ ଆସୁନାହିଁ। ଅତିବିପଦ ସଙ୍କୁଳ ଅବସ୍ଥାରେ ରହିଥିବା ଯୋଗୁ ବିଦ୍ୟାଳୟ ପରିଚାଳନା କମିଟି ତଥା ଗ୍ରାମବାସୀ ବାରମ୍ବାର ବିଭାଗୀୟ ଅଧିକାରୀଙ୍କୁ ଅଭିଯୋଗ କରିଆସୁଛନ୍ତି। ଖମନପଡା ବିଦ୍ୟାଳୟରେ ଅଧିକ ସଂଖ୍ୟାରେ ଅଦିବାସୀ ଓ ପଛୁଆବର୍ଗର ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି। ବର୍ତ୍ତମାନ ଯାଏଁ କୌଣସି ତଦନ୍ତ କାରି ଦଳ କିମ୍ବା ଶିକ୍ଷା ବିଭାଗର ଉଚ୍ଚପଦାଧିକାରୀ ଏହି ବିଦ୍ୟାଳୟର ଅବ୍ୟବସ୍ଥା ସମ୍ପର୍କରେ ଏଠାକୁ ଆସି ନ ଥିବା ବିଦ୍ୟାଳୟ ପରିଚାଳନା କମିଟି ଓ ଗ୍ରାମବାସୀ ପ୍ରକାଶ କରିଛନ୍ତି। ବିଦ୍ୟାଳୟର ବ୍ୟବସ୍ଥା ଠିକ୍ ନ ଥିବାରୁ କେତେବେଳେ ଯେ କୌଣସି ଅଘଟଣ ଘଟିଯାଇ ପାରେ ତାହା କହି ହେଉନାହିଁ। ବର୍ତ୍ତମାନ ବର୍ଷା ସମୟ ହୋଇଥିବାରୁ ଛାତ୍ରୀଛାତ୍ରଙ୍କ ପାଠପଢାରେ ଅନେକ ବାଧାସୃଷ୍ଟି ହେଉଛି। ଏଭଳି ସ୍ଥିତିରେ ବ୍ଲକ ଶିକ୍ଷାଧିକାରୀ ଏବଂ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ ଦୃଷ୍ଟି ନ ଦେବା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏହି ବିଦ୍ୟାଳୟ ସମସ୍ୟା ସମାଧାନ କରିବା ପାଇଁ ବିଦ୍ୟାଳୟ ପରିଚାଳନା କମିଟି ସଦସ୍ୟ ଗଣେଷ ମାଝି, ସିନ୍ଧୁସୁତା ମଙ୍ଗରାଜ, ଭାନୁମତି ସବର, ରୁକ୍ମଣୀ ନିଆଲ, ଅମ୍ବିକା ଲହଜଲ, କୁନି ମାଝି, ଭଗବାନ ସବର, ବନ୍ଦିତା କୁମାର, ଦିବ୍ୟ ରଞ୍ଜନ ସବର, ନନ୍ଦେନୀ ମାଝି, ମନୋଜ ଲହଜଲ, କୌଶଲ୍ୟା ଝାଙ୍କର ପ୍ରମୁଖ ଗ୍ରାମବାସୀ ଦାବି କରିଛନ୍ତି। ଏ ସମ୍ପର୍କରେ କଲମପୁର ବିଡିଓ ମେମ ସାଗର ଭୋଇଙ୍କୁ ପଚାରିବାରୁ କଲମପୁର ବ୍ଲକରେ ଏଭଳି ସ୍କୁଲ ସମସ୍ୟା ଅନେକ ରହିଛି, ସେହି ସମସ୍ୟାର ସମାଧାନ ପାଇଁ ଅତିଶୀଘ୍ର ତଦାରଖ କରି ୭ ରୁ ୧୫ ଦିନ ମଧ୍ୟରେ ସମାଧାନ କରାଯିବ ବୋଲି କହିଛନ୍ତି ।

# ସାର ବୋଝେଇ ଟ୍ରକ୍ ଧକ୍କାରେ ୨ ଗୁରୁତର

କଲମପୁର,୧।୮ (ଡି.ଏନ.ଏ.)



ଟ୍ରକ୍ ଧକ୍କାରେ ଆହତ ୨ ବ୍ୟକ୍ତି।

କଳାହାଣ୍ଡି ଜିଲା ଜୟପାଟଣା ଥାନା ଅନ୍ତର୍ଗତ ବଡକୁଟ୍ରୁ ପାଣ୍ଡି ଅଧୀନ ମଣ୍ଡଳ ଧାନ ମଣ୍ଡି ନିକଟରେ ଗୁରୁବାର ସକାଳେ ଏକ ସାର ବୋଝେଇ ଟ୍ରକ୍ ଧକ୍କାରେ ୨ ଜଣ ଗୁରୁତର ଆହତ ହୋଇଛନ୍ତି। ଗୁରୁତର ୨ ଜଣ ହେଲେ କଲମପୁର ବ୍ଲକ ଅନ୍ତର୍ଗତ ନୂଆଗାଁ ଗ୍ରାମର ଭଗବାନ ସାହୁ (୫୦) ଓ ହୃଷିକେଶ ସାହୁ (୩୮)। ପ୍ରାପ୍ତ ସୂଚନା ଅନୁସାରେ, ଭଗବାନ ଓ ହୃଷିକେଶ ଉଭୟ ଏକ ବାଇକ୍ (ନଂ. ଓଡି୦୮ଏଫ୍-୭୦୯୯) ଯୋଗେ ମଣ୍ଡଳ ସାପ୍ତାହିକ ବଜାରକୁ ଯାଉଥିଲେ। ସେହି ସମୟରେ ଆସୁଥିବା ଏକ ସାର ବୋଝେଇ ଟ୍ରକ୍ (ନଂ.ଓଆର୧୯ବି-୧୮୫୬) ଧକ୍କା ଦେବାରୁ ୨ ଜଣ ବାଇକ୍‌ରୁ ଛିଟିକି ପଡିଥିଲେ। ସାପ୍ତାହିକ ବଜାରକୁ ଆସିଥିବା ସ୍ଥାନୀୟ ଲୋକେ ଗୁରୁତର ଅବସ୍ଥାରେ ତାଙ୍କୁ ଉଦ୍ଧାର କରି ବାଇକ୍ ଯୋଗେ ପ୍ରଥମେ କଲମପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇଯାଇଥିଲେ।

ସେଠାରେ ଡାକ୍ତର ଉଭୟଙ୍କ ପ୍ରାଥମିକ ଚିକିତ୍ସା ପରେ ଅବସ୍ଥା ଗୁରୁତର ହେବାରୁ ସେମାନଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରାଯାଇଛି। ଜିଲା ମୁଖ୍ୟ ଚିକିତ୍ସାଳୟରେ ହୃଷିକେଶଙ୍କ ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ ବୁର୍ଲା ମେଡିକାଲକୁ ସ୍ଥାନାନ୍ତର କରଯାଇଛି। ଭଗବାନ ଜିଲା ଚିକିତ୍ସା କେନ୍ଦ୍ରରେ ଚିକିତ୍ସାଧୀନ ଥିବା ଜଣାପଡିଛି। ଦୁର୍ଘଟଣା ପରେ ଟ୍ରକ୍ ଡ୍ରାଇଭର ସେଠାରୁ ଫେରାର ହୋଇଥିବା ବେଳେ ଖବର ପାଇ କୁଟ୍ରୁ ପାଣ୍ଡି ପୋଲିସ ଘଟଣାସ୍ଥଳରେ ପହଞ୍ଚି ଟ୍ରକ୍‌କୁ ଜବତ କରିବା ସହ ତଦନ୍ତ ଜାରି ରଖିଥିବା କୁଟ୍ରୁ ପାଣ୍ଡି ଅଧିକାରୀ କୃତିବାସ ପୂଝାରୀ ସୂଚନା ଦେଇଛନ୍ତି । ସୂଚନାଯୋଗ୍ୟ ଯେ, ସାର ବୋଝେଇ ଟ୍ରକ ଜୟପାଟଣାରୁ ସାର ବୋଝେଇ କରି କଲମପୁର ବ୍ଲକ ଅନ୍ତର୍ଗତ ଭଇଁରି ଗ୍ରାମକୁ ଯିବା ବେଳେ ଏହି ଦୁର୍ଘଟଣା ଘଟିଥିଲା ।

# ପରିବେଶ ସଚେତନତା ସଭା

ଲାଞ୍ଜିଗଡ଼,୧।୮ (ଡି.ଏନ.ଏ.)

କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ବ୍ଲକ ଶିକ୍ଷା ବିଭାଗ ପକ୍ଷରୁ ଲାଞ୍ଜିଗଡ଼ ରୋଡ଼ଠାରେ ପରିବେଶ ସଚେତନତା ସଭା ଓ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଲାଞ୍ଜିଗଡ଼ ରୋଡ଼ କେନ୍ଦ୍ର ପ୍ରାଥମିକ ବିଦ୍ୟାଳୟ, ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ଉଚ୍ଚ ବିଦ୍ୟାଳୟ, ଲାଞ୍ଜିଗଡ଼ ରୋଡ଼ ଯୁକ୍ତ ୨ ମହାବିଦ୍ୟାଳୟର ଛାତ୍ରୀଛାତ୍ର ଓ ଶିକ୍ଷକଶିକ୍ଷୟିତ୍ରୀ ତଥା ଅଭିଭାବକ ଏବଂ ବିଦ୍ୟାଳୟ ପରିଚାଳନା କମିଟି ମିଳିତ ଉଦ୍ୟମରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବ୍ଲକ ଅତିରିକ୍ତ ଶିକ୍ଷାଧିକାରୀ କାଶୀନାଥ ରାଉତରାୟ ନେତୃତ୍ୱ ନେଇଥିଲେ। ଏଥିରେ ଶତାଧିକ ଛାତ୍ରୀଛାତ୍ର ଓ ଅଭିଭାବକ ସାମିଲ ହୋଇ ଗ୍ରାମ ପରିକ୍ରମା କରିବା ସହ ସ୍ୱଚ୍ଛତା, ବାହ୍ୟ ମଳମୁକ୍ତ ଗ୍ରାମ ପାଇଁ ସ୍ଲୋଗାନ ଦେଇଥିଲେ। ପରେ ଅନୁଷ୍ଠିତ ସଭାରେ ଅତିଥି ଭାବେ ରାଉତରାୟଙ୍କ ସମେତ ବିଦ୍ୟାଳୟ ପରିଚାଳନା କମିଟି ସଭାନେତ୍ରୀ ଆହ୍ଲାଦିନୀ ଗଉଡ଼, ସିଆର୍‌ସିସି ବିଜୟ କୁମାର ପ୍ରଧାନ ଯୋଗଦେଇଥିବାବେଳେ ମୁଖ୍ୟବକ୍ତା ଭାବେ ବରିଷ୍ଠ ଶିକ୍ଷକ ନଗେନ୍ଦ୍ରନାଥ ପଟ୍ଟନାୟକ ପ୍ରମୁଖ ଯୋଗଦେଇଥିଲେ। ଏଥିରେ ଶିକ୍ଷକ ରାଜେନ୍ଦ୍ର ମହାପାତ୍ର, ରତିକାନ୍ତ ଓଝା, ବରୁଣୀ ପ୍ରଧାନ, ବିନୋଦବିହାରୀ ଭୋଇ, ରାଜଲକ୍ଷ୍ମୀ ଓଝା, ସୁଦର୍ଶନ ମହାନନ୍ଦ, କାଶିଲ ଦେଇ, ସରସ୍ୱତୀ ସାହୁଙ୍କ ସମେତ ସମସ୍ତ ଶିକ୍ଷକଶିକ୍ଷୟିତ୍ରୀ ବକ୍ତବ୍ୟ ରଖିଥିଲେ। ମାହେଶ୍ୱରିପୁର ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ମନୋରଞ୍ଜନ ମହାନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ।



ପରିବେଶ ସଚେତନତା ସଭା ଅବସରରେ ଜଣେ ଛାତ୍ରୀଙ୍କୁ ପୁରସ୍କୃତ କରାଯାଉଛି।

## ଶିକ୍ଷକଙ୍କ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା

କୋକସରା,୧।୮ (ଡି.ଏନ.ଏ.)

କଳାହାଣ୍ଡି ଜିଲା କୋକସରା ବ୍ଲକ ଉହଗାଁ ସରକାରୀ ଉଚ୍ଚ ବିଦ୍ୟାଳୟର ସହକାରୀ ଶିକ୍ଷକ ପ୍ରଦ୍ୟୁମ୍ନ କୁମାର ମାଝି ବୁଧବାର ଅବସର ଗ୍ରହଣ କରିଛନ୍ତି। ସେ ୧୯୮୦ରୁ ୨୦୧୯ ପର୍ଯ୍ୟନ୍ତ ଦୀର୍ଘ ବର୍ଷ ଧରି ଉହଗାଁ ସ୍କୁଲରେ ଶିକ୍ଷାଦାନ ଦେଉଥିଲେ। ସେ ଜଣେ ନିଷ୍ଠାପର ଓ ଆଦର୍ଶ ଶିକ୍ଷକ ଭାବେ ଅଞ୍ଚଳରେ ପରିଚିତ ଥିଲେ। ଏହି ଅବସରରେ ଆୟୋଜିତ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ସଭାରେ ବିଦ୍ୟାଳୟ ପୂର୍ବତନ ପ୍ରଧାନ ଶିକ୍ଷକ ବଞ୍ଚାନିଧି ପୁରୋହିତ ମୁଖ୍ୟଅତିଥି, ସମ୍ମାନିତ ଅତିଥି ଭାବେ ପଣ୍ଡିତ ସୁରେନ୍ଦ୍ର ନାୟକ, ମନୋଜ ପୂଝାରୀ, ଦେବରାଜ ନାଏକ, ସି.ଆର.ସି.ସି. ବୈଦ୍ୟନାଥ ପାଢଯୋଷୀ, ଉଦିତ ପଣ୍ଡା ପ୍ରମୁଖ ଯୋଗଦେଇ ତାଙ୍କ ଶିକ୍ଷାଦାନର ମହନୀୟତା ଉପରେ ଅଲୋକପାତ କରିଥିଲେ। ବିଦାୟୀ ଶିକ୍ଷକଙ୍କୁ ଉପଢୌକନ ପ୍ରଦାନ କରାଯାଇଥିଲା। ଉହଗାଁ ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ ଅନାଦି ଚରଣ ପଧାନ, ସହକାରୀ ଶିକ୍ଷକ ସାମନ୍ତ ପାଢଯୋଷୀ, ମୋହିତ କୁମାର ରାଉତ, ସୁଧାଂଶୁ ପଣ୍ଡା, ମହେନ୍ଦ୍ର ବଣିଆ, ସାନନ୍ଦ ପ୍ରଧାନ, ବଳରାମ ପଣ୍ଡା, ଯଶୋଦା ପୂଝାରୀ, କ୍ଷୀରୋଦ ପୁରୋହିତ, ଗୋପ ନାଏକଙ୍କ ସହ ସ୍କୁଲ କର୍ମଚାରୀ ଓ ଛାତ୍ରୀଛାତ୍ରମାନେ ଉପସ୍ଥିତଥିଲେ। ମନମୋହନ ଦାସ ବିଦାୟକାଳିନ ସଭା ପରିଚାଳନା କରିଥିଲେ ।

ସାହାଯ୍ ଲାଗି ବ୍ଲକ ପରଶାସନକେ ଗୁହାରି କଲେ ଗାଁବାସୀ

# ମୁରତୁ ସଂଗେ ଯୁଝୁଛନ୍ ଅସାହା ବୁରୁଧ୍

କର୍ଲାମୁଣ୍ଡା, ୧।୮ (ଡି.ଏନ୍.ଏ)



ବ୍ଲକ ଅଫିସ ଆଘେ ଅସାହା ବୁରୁଧିଙ୍କର ସଂଗେ କମିଟିର ସଭିଅମାନେ।

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ଗଜବାହାଲ ପଁଚେତ୍ ଭାଲୁପିଆ ଗାଁର ଝନେ ୭୦ ବଛରିଆ ବୁରୁଧ୍ ରୋଗ୍‌ରେ ପୀଡ଼ିତ ହେଇ ମୁରତୁ ସଂଗେ ଯୁଝୁଛନ୍। ଏନ୍‌ତାଥି ଗାଁବାସୀ ବୁରୁଧିଙ୍କର ଚିକିସ୍ସା ସାହାଯ୍ ଲାଗି ଥାନୀୟ ବ୍ଲକ ପରଶାସନକେ ନିବେଦନ କରିଛନ୍।

ସୂଚନା ଅନ୍‌ସାରେ ଭାଲୁପିଆ ଗାଁର ଅସାହା ବୁରୁଧ୍ ଟଙ୍କଧର ପୁଟେଲ(୭୦)। ସେ ଅନେକ ଦିନୁ ଭିନେ ଭିନେ ରୋଗ୍‌ରେ ପୀଡ଼ିତ ଅଛନ୍। ଦେଖ୍‌ଭାଲ କରବାର ଲାଗି ପାସେ କେହି ନାଇଁ। ଏନ୍‌ତାଥି ସେ ଅସାହା ହେଇ ମୁରତୁ ସଂଗେ ଯୁଝୁଛନ୍। ବୁରୁଧିଙ୍କର ଇ ଅବସ୍ତା ଦେଖି ଭାଲୁପିଆ ଗାଁର ସୁନାମୁଖି ଗ୍ରାମ ବିକାଶ କମିଟିର ସଭିଅମାନେ ସାହାଯ୍ କରବାର ଲାଗି ଅଁଟା ଭିଡ଼ିଥିଲେ। ସେମାନେ ବୁଧୁବାର କର୍ଲାମୁଣ୍ଡା ବ୍ଲକ ପରଶାସନକେ ଭେଟି ବୁରୁଧିଙ୍କୁ ସରକାରୀ ଚିକିସ୍ସା ସାହାଯ୍ ଯୁଗେଇ ଦେବାକେ ଲିଖିତ ଅନୁରୋଧ କରିଛନ୍। ଗାଁରେ ଏକ୍‌ଲା ରହୁଥିବାର ଇ ବୁରୁଧିଙ୍କର ବହୁତ୍ ଦିନୁ ଗୁଟେ ଗୋଡ଼ ଫୁଲିଯାଇଥିଲାବେଳେ ସେ ହାର୍ଣ୍ଣିଆ ରୋଗ୍‌ରେ ପୀଡ଼ିତ ଥିବାର ଜନାଯାଇଛେ। ଗାଁର ବିକାଶ କମିଟିର ସଦସିଅମାନେ ଗାଁରୁ ଚାଁଦାଭେଦା କରି ବୁରୁଧିଙ୍କୁ ଅନେକ ଥର ଡାକ୍‌ତରଖାନା ନେଇ ଚିକିସ୍ସା କରେଇଛନ୍। ହେଲେ ରୋଗ୍ ଛାଡ଼ବାର ଜାଗାରେ ଦିନୁଦିନ୍‌କେ ବଢ଼ତେଲ ଯାଉଥିବାର କମିଟିର ସଭିଅ ଧନୁ କାଲସାଏ କହିଛନ୍। ବୁଧୁବାର ଗାଁର ୱାର୍ଡ ମେମର ଉପେନ୍ଦ୍ର ବୁଡ଼େକ, ଗ୍ରାମ ବିକାଶ କମିଟିର ସଭିଅ ତ୍ରିଲୋଚନ ପଧାନ, ସତ୍ୟସାଇ ପଧାନ, ଧନୁ କାଲସାଏ ପରମୁଖ ବୁରୁଧିଙ୍କୁ ପହେଲା କର୍ଲାମୁଣ୍ଡା ଡାକ୍‌ତରଖାନାରେ ଚିକିସ୍ସା କରେଇଥିଲେ। ପଛେ ସରକାରୀ ସାହାଯ୍ ଲାଗି ବିଡିଓଙ୍କର ଅନୁପସ୍ଥିତିରେ ହେଡକ୍ଲର୍କ ମନପତ ଜାନୀଙ୍କୁ ଭେଟି ଗୁଟେ ଅନୁରୋଧ ପତର ଦେଇଥିଲେ। ଇତାର ସଂଗେ ବୁରୁଧିଙ୍କର ଚିକିସ୍ସା ସାହାଯ୍ ଲାଗି ବ୍ଲକ ପରଶାସନ ପଦକ୍ଷେପ ନେବାକେ ଗାଁବାସୀ ଦାବି କରିଥିଲେ। ଇ ବାବ୍‌ଦେ ହେଡକ୍ଲର୍କଙ୍କୁ ପଚରାଲାରୁ ବିଡିଓ ଆଏଲା ଉତାରୁ ଇ ବିଷେରେ ଆଲୋଚନା କରି ପଦକ୍ଷେପ ନିଆଯିବା ବଲି ସେ କହିଥିଲେ।

# ଏମ୍ଇ ସ୍କୁଲରେ ଚାରାରୋପଣ

ଭବାନୀପାଟଣା,୧।୮ (ଡି.ଏନ.ଏ.)

ଭବାନୀପାଟଣା ସହରସ୍ଥିତ ପରମାନନ୍ଦପୁର ସିଟିଜେନ ମଡେଲ ଇଂଲିଶ ମାଧ୍ୟମ ବିଦ୍ୟାଳୟ ପରିସରରେ ଚାରା ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଭାଇସ ପ୍ରିନ୍ସିପାଲ ନବନିତ କୌରଙ୍କ ଅଧ୍ୟକ୍ଷତାରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ମମତା ପ୍ରଧାନ, ସରୋଜ ମହାପାତ୍ର, ଜାଗୃତି ଶତପଥୀ, ସିଦ୍ଧାନ୍ତ ଦାସ, ବିକ୍ରମ ପଣ୍ଡା ପ୍ରମୁଖ ଉଦ୍‌ବୋଧନ ଦେଇଥିବା ବେଳେ ଉମାକାନ୍ତ ମେହେର ଧନ୍ୟବାଦ ପ୍ରଦାନ କରିଥିଲେ। ପରେ ସ୍କୁଲ ପରିସରରେ ଶିକ୍ଷକ, ଶିକ୍ଷୟିତ୍ରୀ ଓ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ଚାରା ରୋପଣ କରାଯାଇଥିଲା।

# ଏମ୍‌ଜିଏନ୍‌ଆରଇଜିଏସ୍‌ର ସାମାଜିକ ସମୀକ୍ଷା

ପଲମ,୧।୮(ଡି.ଏନ.ଏ.)

କଳାହାଣ୍ଡି ଜିଲା ନର୍ଲା ବ୍ଲକ ଅଧୀନ ପଲମ ପଞ୍ଚାୟତସ୍ଥିତ ପଲମ ରାଜୀବ ଗାନ୍ଧୀ ସେବାକେନ୍ଦ୍ର ପରିସରରେ ବୁଧବାର ସ୍ଥାନୀୟ ସରପଞ୍ଚ ସାବେତ୍ରୀ ମାଝିଙ୍କ ସଭାପତିତ୍ୱରେ ମହାତ୍ମା ଗାନ୍ଧୀ ଜାତୀୟ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା (ଏମ୍‌ଜିଏନ୍‌ଆରଇଜିଏସ୍)ର ସାମାଜିକ ସମୀକ୍ଷା ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ପଞ୍ଚାୟତ ପିଇଓ ଟିକେରାମ ଛତ୍ରିଆ ଯୋଗଦାନ କରି ଇନ୍ଦିରା ଆବାସ, ବାର୍ଦ୍ଧକ୍ୟ ଭତ୍ତା ଇତ୍ୟାଦିଉନ୍ନତିମୂଳକ କାର୍ଯ୍ୟକ୍ରମ ବିଷୟରେ ପୁଙ୍ଖାନୁପୁଙ୍ଖ ଭାବେ ବୁଝାଇଥିଲେ। ପଞ୍ଚାୟତର ଉନ୍ନତି ସାଧନ ପାଇଁ ଜିଆରଏସ ଯଶପାଲ ନାଗ ମଧ୍ୟ ପ୍ରତ୍ୟେକ ଉନ୍ନତିମୂଳକ କାର୍ଯ୍ୟକ୍ରମ ସ୍ୱଚ୍ଛତା ଭାବେ କରାଯିବା ପାଇଁ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ଏଥିରେ ସମିତି ସଭ୍ୟ, ନାଏବ ସରପଞ୍ଚ, ୱାର୍ଡମେମ୍ବର ତଥା ବିଶିଷ୍ଟ ବ୍ୟକ୍ତିମାନେ ବହୁ ସଂଖ୍ୟାରେ ଯୋଗଦାନ ଦେଇଥିଲେ।



ବୈଠକରେ ଯୋଗ ଦେଇଥିବା ପଞ୍ଚାୟତବାସୀ।

# ପୁନଃ ନିଯୁକ୍ତି ପାଇଁ ଆଇସିଟି ସ୍କୁଲ କୋଅଡିନେଟର ସଂଘର ଦାବି

ଭବାନୀପାଟଣା,୧।୮ (ଡି.ଏନ.ଏ.)




ଆଇସିଟି ସ୍କୁଲ କୋଅଡ଼ିନେଶନ ଆସୋସିଏଶନ ଓ ଓଷ୍ଟା କର୍ମକର୍ତ୍ତା ।

କଳାହାଣ୍ଡି ଜିଲା ସମେତ ଓଡ଼ିଶାର ବିଭିନ୍ନ ସରକାରୀ ଓ ସରକାରୀ ସ୍ୱିକୃତିପ୍ରାପ୍ତ ଉଚ୍ଚ ବିଦ୍ୟାଳୟରେ ରାଜ୍ୟ ସରକାରଙ୍କ ଦ୍ୱାରା ୨୦୧୪ଠାରୁ କମ୍ପ୍ୟୁଟର ଶିକ୍ଷା ପ୍ରଚଳନ ହୋଇଛି । ଇ-ବିଦ୍ୟାଳୟ ନାମକ ଏହି ପ୍ରୋଜେକ୍ଟର ନିୟୋଜନ, ପରିଚାଳନା ଓ ମାନବସମ୍ବଳ ନିଯୁକ୍ତି ପାଇଁ ଏକ ବେସରକାରୀ ସଂସ୍ଥାକୁ ଦିଆଯାଇଥିଲା ଏହି ଯୋଜନା ଦ୍ୱାରା ରାଜ୍ୟର ୪ ହଜାର ଉଚ୍ଚ ବିଦ୍ୟାଳୟରେ ଲକ୍ଷଲକ୍ଷ ଛାତ୍ରୀଛାତ୍ର ମାଗଣାରେ କମ୍ପ୍ୟୁଟର ଶିକ୍ଷା ପାଇ ପାରୁଥିଲେ । ଏଥିସହିତ ୪ ହଜାରରୁ ଉର୍ଦ୍ଧ୍ୱ ଯୁବକଯୁବତୀ ମଧ୍ୟ ସ୍କୁଲ ଅଡ଼ିନେଟର ଭାବେ ନିଯୁକ୍ତି ପାଇଥିଲେ। ବେସରକାରୀ ସଂସ୍ଥାର ଚୁକ୍ତି ୨୦୧୯ରେ ଶେଷ ହେବା ପରେ ଆଇସିଟି ପ୍ରୋଜେକ୍ଟ ବନ୍ଦ ହେବାକୁ ଯାଉଛି। ଫଳରେ ଶିକ୍ଷା ବ୍ୟବସ୍ଥାରେ ଦୟନୀୟ ପରିସ୍ଥିତି ସୃଷ୍ଟି ହୋଇଛି। ରାଜ୍ୟର ଲକ୍ଷଲକ୍ଷ ହାଇସ୍କୁଲ ଛାତ୍ରୀଛାତ୍ର କମ୍ପ୍ୟୁଟର ଶିକ୍ଷାରୁ ବଞ୍ଚିତ ହେବା ସହିତ କମ୍ପ୍ୟୁଟର ଲ୍ୟାବ୍‌ଗୁଡ଼ିକ ଅଚଳ ହୋଇପଡ଼ିବ। ଏହି ପରିସ୍ଥିତିରେ ରାଜ୍ୟ ସ୍କୁଲ ଓ ଗଣଶିକ୍ଷା ମନ୍ତ୍ରୀ ଚଳିତ ଗତ ୨୬ ତାରିଖରେ ଦେଇଥିବା ମନ୍ତବ୍ୟରେ ବିଦ୍ୟାଳୟର ବିଜ୍ଞାନ ଶିକ୍ଷକଙ୍କ ଉପରେ କମ୍ପ୍ୟୁଟର ଲ୍ୟାବର ଦାୟିତ୍ୱକୁ ଲଦି ଦିଆଯାଇଛି । ଫଳରେ ୪ ହଜାର ଶିକ୍ଷକ ଓ ଲକ୍ଷଲକ୍ଷ ପିଲାଙ୍କ ଭବିଷ୍ୟତ ଅନ୍ଧାର ଭିତରକୁ ଠେଲି ହୋଇଯାଇଛି। ରାଜ୍ୟ ସରକାର ଏହ ଉପରେ ବିଚାର କରି ହାଇସ୍କୁଲଗୁଡ଼ିକରେ କମ୍ପ୍ୟୁଟର ଶିକ୍ଷାର ସଫଳ ପରିଚାଳନା ପାଇଁ ରାଜ୍ୟର ୪ ହଜାର କମ୍ପ୍ୟୁଟର ଶିକ୍ଷକଙ୍କୁ ଛଟେଇ ନ କରି ପୁନଃ ନିଯୁକ୍ତି ଦେବା ପାଇଁ ଆଇସିଟି ସ୍କୁଲ କୋଅଡ଼ିନେଶନ ଆଶୋସିଏଶନ ଓ ଓଷ୍ଟା କର୍ମକର୍ତ୍ତା ଦବି କରିଛନ୍ତି ।

କଳାହାଣ୍ଡି ଜିଲାରେ ଖୁସି ଯୋଜନା ଫେଲ୍

# ବଣ୍ଟା ହେଉନି, ୩୫ ଲକ୍ଷରୁ ଉର୍ଦ୍ଧ୍ୱ ନାପ୍‌କିନ୍ ପଡ଼ିରହିଛି

ଭବାନୀପାଟଣା,୧।୮(ଡି.ଏନ.ଏ.)

ରାଜ୍ୟ ସରକାର ଷଷ୍ଠରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରୀମାନଙ୍କୁ ଖୁସି ଯୋଜନାରେ ମାଗଣା ସାନିଟାରି ନାପକିନ ପ୍ରଦାନ ବ୍ୟବସ୍ଥା କରିଛନ୍ତି । କିନ୍ତୁ କଳାହାଣ୍ଡି ଜିଲାରେ ଏହା ଛାତ୍ରୀମାନଙ୍କୁ ବଣ୍ଟା ନ ଯାଇ ଗୋଦାମରେ ପଡ଼ିଥିବା ଦେଖିବାକୁ ମିଳିଛି। ଜିଲାର ୧୩ଟି ବ୍ଲକର ୧୦୫୮ ସ୍କୁଲ ନିମନ୍ତେ ୩୫ ଲକ୍ଷ ୭୩ ହଜାର ୫୫୮ଟି ସାନିଟାରି ନାପକିନ ଆସିଛି । ଏଥି ମଧ୍ୟରୁ କେବଳ ଭବାନୀପାଟଣା ବ୍ଲକରେ ୧୧ ହଜାର ୬୬୪ ନାପକିନ ବଣ୍ଟାଯାଇଛି। ଅବଶିଷ୍ଟ ବଣ୍ଟା ନ ହୋଇ ପଡିରହିଥିବାରୁ ଅଭିଭାବକ ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି ।

ଜିଲାରେ ପ୍ରତି ୩ ମାସରେ ଖୁସି ଯୋଜନାରେ ୧୦୫୮ଟି ସ୍କୁଲ ପାଇଁ ୧୨ ଲକ୍ଷ ୩୧ ହଜାର ୧୨୬ଟି ନାପକିନ ଆବଶ୍ୟକତା ରହିଛି। ଏ ପର୍ଯ୍ୟନ୍ତ ୩୫ ଲକ୍ଷ ୭୩ ହଜାର ୫୫୮ଟି ସାନିଟାରି ନାପକିନ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଗ୍ରହଣ କରାଯାଇଛି। ଏଥିରୁ ମାତ୍ର ୧୧ ହଜାର ୬୬୪ଟି ନାପକିନ କେବଳ ଭବାନୀପାଟଣା ସଦର ବ୍ଲକରେ ବଣ୍ଟାଯାଇଛି। ଭବାନୀପାଟଣା ସଦର ବ୍ଲକରେ ୧୪୦ଟି ସ୍କୁଲ ପାଇଁ ୫ ଲକ୍ଷ ୬୧ ହଜାର ୭୬୨ଟି ନାପକିନ ଆସିଛି । ସେହିଭଳି କେସିଙ୍ଗା ବ୍ଲକରେ ୭୭ଟି ସ୍କୁଲ ପାଇଁ ୩ ଲକ୍ଷ ୩୦ ହଜାର ୩୭୨ ନାପକିନ, କର୍ଲାମୁଣ୍ଡା ବ୍ଲକର ୪୭ ସ୍କୁଲ ନିମନ୍ତେ ୮୭ ହଜାର ୧୦୨ ନାପକିନ, ମ. ରାମପୁର ବ୍ଲକରେ ୬୯ଟି ସ୍କୁଲ ପାଇଁ ୧ ଲକ୍ଷ ୭୦ ହଜାର ୮୦୨, ନର୍ଲା ବ୍ଲକରେ ୮୮ଟି ସ୍କୁଲ ନିମନ୍ତେ ୩ ଲକ୍ଷ ୧୩ ହଜାର ୫୨୪ ସ୍ୱାସ୍ଥ୍ୟକେନ୍ଦ୍ରର ଗୋଦାମରେ ପଡ଼ିରହିଛି। ଲାଞ୍ଜିଗଡ଼ ବ୍ଲକରେ ୭୭ଟି ସ୍କୁଲ ପାଇଁ ୨ ଲକ୍ଷ ୪୬ ହଜାର ୯୨୪, ଥୁ. ରାମପୁର ବ୍ଲକରେ ୭୧ଟି ସ୍କୁଲ ଲାଗି ୧ ଲକ୍ଷ ୪୭ ହଜାର ୭୪୪, କଲମପୁର ବ୍ଲକରେ ୪୦ଟି ସ୍କୁଲ ପାଇଁ ୧ ଲକ୍ଷ ୫୩ ହଜାର ୯୦, ଜୁନାଗଡ ବ୍ଲକ ୧୦୫ଟି ସ୍କୁଲ ପାଇଁ ୪ ଲକ୍ଷ ୬ ହଜାର ୨୯୬ ପଡ଼ିରହିଛ । ଜୟପାଟଣା ବ୍ଲକରେ ୭୩ଟି ସ୍କୁଲ ପାଇଁ ୨ ଲକ୍ଷ ୫୩ ହଜାର ୮୫୪, କୋକସରା ବ୍ଲକରେ ୯୩ଟି ସ୍କୁଲ ପାଇଁ ୨ ଲକ୍ଷ ୮୪ ହଜାର ୯୫୮, ଧର୍ମଗଡ ବ୍ଲକରେ ୮୫ଟି ସ୍କୁଲ ପାଇଁ ୨ ଲକ୍ଷ ୯୩ ହଜାର ୫୮, ଗୋଲାମୁଣ୍ଡା ବ୍ଲକର ୯୩ଟି ସ୍କୁଲ ପାଇଁ ୩ ଲକ୍ଷ ୨୪ ହଜାର ୫୪ଟି ସାନିଟାରି ନାପକିନ ବଣ୍ଟାଯିବା ପାଇଁ ଆସି ବିଭିନ୍ନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଗୋଦାମରେ ଖତ ଖାଉଛି । ଜିଲାରେ ୧୦୫୮ଟି ସ୍କୁଲରେ ୪୧ ହଜାର ୨୮୯ ଜଣ ଛାତ୍ରୀଙ୍କ ପାଇଁ ପ୍ରତି ତିନି ମାସରେ ୧୨ ଲକ୍ଷ ୩୧ ହଜାର ୧୨୪ଟି ସାନିଟାରି ନାପକିନର ଆବଶ୍ୟକତା ରହିଥିବା ବିଭାଗୀୟ ସୂତ୍ରରୁ ପ୍ରକାଶ । ଏହି ସାନିଟାରି ବଣ୍ଟାଯିବା ପାଇଁ ପରିବହନ ଖର୍ଚ୍ଚ ବାବଦକୁ ପ୍ରତି ୩ ମାସରେ ୩ ଲକ୍ଷ ୭୭ ହଜାର ୮୬ ଟଙ୍କା ବ୍ୟୟ ବରାଦ ପାଇଁ ଅନୁଦାନ ଆସିଛି । ପ୍ରତି ନାପକିନ ପାଇଁ ପରିବହନ ବାବଦକୁ ୧୫ ପଇସା ଧାର୍ଯ୍ୟ ରହିଛି । ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ମଧ୍ୟାହ୍ନ ଭୋଜନ ସାମଗ୍ରୀ ପ୍ରଦାନ କରୁଥିବା ସଂସ୍ଥାକୁ ସ୍କୁଲରେ ନାପକିନ ପହଞ୍ଚାଇବା ପାଇଁ ଆଲୋଚନା ହୋଇଛି । କିନ୍ତୁ ଟଙ୍କା କମ୍ ଥିବା ଯୋଗୁ ପରିବହନ ପାଇଁ ସେହି ସଂସ୍ଥାମାନେ ଇଚ୍ଛା କରୁ ନାହାନ୍ତି । ଏ ନେଇ ସିଡିଏମ୍‌ଓ ବନଲତା ଦେବୀଙ୍କୁ ପଚାରିବାରୁ ସାନିଟାରି ନାପକିନ ବଣ୍ଟାଟିବା ପାଇଁ ପଦକ୍ଷେପ ନିଆଯାଉଛି ବୋଲି ସେ କହିଥିଲେ।



ଯେଉଁମାନେ ଅତୀତର ଭୁଲ୍‌କୁ ଭୁଲିଯାଆନ୍ତି, ସେମାନେ ପୁଣି ସେଇ ଭୁଲ୍ କରିବସନ୍ତି।

-ଜର୍ଜ ଶାନ୍ତାୟନ



# ଆର୍‌ଏମ୍‌ସି ୱାର୍ଡ ପୁନର୍ଗଠନ, ନିର୍ବାଚନ କର

**ସୁନ୍ଦରଗଡ଼, ୧।୮ (ଡି.ଏନ୍.ଏ)**

ଆଗାମୀ ପୌର ନିର୍ବାଚନରେ କ୍ଷମତା ଦଖଲ ପାଇଁ ୩ ପ୍ରମୁଖ ରାଜନୈତିକ ଦଳ ମଧ୍ୟରୁ କଂଗ୍ରେସ ଏବେଠାରୁ ପାଗ ଭିଡ଼ିଲାଣି। ଗତ ବିଧାନସଭା ଓ ଲୋକସଭା ନିର୍ବାଚନରେ ଦଳ ସଫଳତା ହାସଲ କରି ନ ଥିଲେ ହେଁ ଜିଲାରେ ପୌର ନିର୍ବାଚନରେ ସଫଳତା ହାସଲ କରିବ ବୋଲି ଆଶା ବାନ୍ଧିଛି। ରାଉରକେଲା ମହାନଗର ନିଗମ (ଆର୍‌ଏମ୍‌ସି) ସମେତ ସୁନ୍ଦରଗଡ଼, ରାଜଗାଙ୍ଗପୁର ଓ ବୀରମିତ୍ରପୁର ପୌରପାଳିକାକୁ କିଭଳି ଦଖଲ କରିବ ସେ ନେଇ ଜିଲା କଂଗ୍ରେସ କମିଟି ପକ୍ଷରୁ ଏବେ ଠାରୁ ରଣନୀତି ଆରମ୍ଭ ହେଲାଣି। ଗତ ୬ବର୍ଷ ଧରି ରାଉରକେଲା ମହାନଗର ନିଗମରେ ନିର୍ବାଚନ ନ ହେବା ଯୋଗୁ ସହରବାସୀ ଆବଶ୍ୟକୀୟ ମୌଳିକ ସୁବିଧାରୁ ବଞ୍ଚିତ ହେଉଛନ୍ତି। ତୁରନ୍ତ ଏଠାରେ ୱାର୍ଡ଼ ପୁର୍ନଗଠନ ସହ ନିର୍ବାଚନ କରାଯାଉ ବୋଲି ଦାବି କରିଛି କଂଗ୍ରେସ। ଗୁରୁବାର ଜିଲା କଂଗ୍ରେସ କମିଟିର ଏକ ପ୍ରତିନିଧିମଣ୍ଡଳୀ ସୁନ୍ଦରଗଡ ଜିଲାପାଳ ନିଖିଳ ପବନ କଲ୍ୟାଣଙ୍କୁ ସାକ୍ଷାତକରି ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଜିଲା କଂଗ୍ରେସ କମିଟି ସଭାପତି ବେଣୁମାଧବ ତ୍ରିପାଠୀ, କଂଗ୍ରେସ ନେତା ଜର୍ଜ ତିର୍କୀ, ପିସିସି ସାଧାରଣ ସମ୍ପାଦକ ରାଜକିଶୋର ଷଡଙ୍ଗୀ, ସମ୍ପାଦକ ପ୍ରଫୁଲ୍ଲ ସୁନାନୀ, ରୋହିତ ଯୋଶେଫ ତିର୍କୀ, କୈଳାଶ ଚନ୍ଦ୍ର ସାହୁଙ୍କ ନେତୃତ୍ୱରେ ଏହି ପ୍ରତିନିଧି ମଣ୍ଡଳୀ ଜିଲାପାଳଙ୍କୁ ସାକ୍ଷାତ କରି ଆଲୋଚନା କରିଥିଲେ। ଏହି ପ୍ରତିନିଧି ମଣ୍ଡଳୀରେ ପ୍ରଭାତି ମିଶ୍ର, ନିହାରରଞ୍ଜନ ଦାସ, ରାମାନନ୍ଦ ଶ୍ରୀଚନ୍ଦନ, ନରେନ୍ଦ୍ର ସିଂ, ପ୍ରବୋଧ ଦାସ ପ୍ରମୁଖ ସାମିଲ ଥିଲେ। ରାଉରକେଲା ବିଭିନ୍ନ ୱାର୍ଡରେ ନିର୍ବାଚିତ ପ୍ରତିନିଧି ନ ଥିବାରୁ ୱାର୍ଡ଼ର ପ୍ରକୃତ ସମସ୍ୟା ମହାନଗର ନିଗମ କର୍ତ୍ତୃପକ୍ଷଙ୍କ ନଜରକୁ ଆସିନାହିଁ। ତେଣୁ ସେଗୁଡ଼ିକର ସମାଧାନ ହୋଇପାରୁନାହିଁ। ତେବେ ମହାନଗର ନିଗମର ନିର୍ବାଚନ କରାଯାଇ ନିର୍ବାଚିତ ଜନପ୍ରତିନିଧି ବଛାଯିବା ପରିବର୍ତ୍ତେ ଆଶ୍ଚର୍ଯ୍ୟଜନକ ଭାବେ ବର୍ତ୍ତମାନ ମହାନଗର ନିଗମ କର୍ତ୍ତୃପକ୍ଷ ପକ୍ଷରୁ ୪୦ଟି ୱାର୍ଡର ନାଗରିକ କମିଟି ଗଠନ ପାଇଁ ଦରଖାସ୍ତ ଆହ୍ୱାନ କରାଯାଇଛି। ତେବେ ମହାନଗର ନିଗମ ଘୋଷିତ ହେବା ପୂର୍ବରୁ ରାଉରକେଲା ପୌରପାଳିକାରେ ୩୩ଟି ୱାର୍ଡ ଥିଲା। ମହାନଗର ନିଗମ ଘୋଷଣା କରାଯାଇ ନବକୃଷ୍ଣ ନଗର, ଜଗଦା ଓ ଝାଡତରଙ୍ଗ ଗ୍ରାମ ପଞ୍ଚାୟତକୁ ମହାନଗର ନିଗମରେ ସାମିଲ କରି ୪୦ ୱାର୍ଡ଼ ଗଠନ ପାଇଁ ଉଦ୍ୟମ ହୋଇଥିଲା। କିନ୍ତୁ ସରକାରଙ୍କ ଏହି ନିଷ୍ପତ୍ତି ବିରୋଧରେ ଜଗଦା ଓ ଝାଡତରଙ୍ଗ ପଞ୍ଚାୟତବାସୀ ଉଚ୍ଚନ୍ୟାୟାଳୟର ଦ୍ୱାରସ୍ଥ ହୋଇଥିଲେ। ଫଳରେ ଉଚ୍ଚନ୍ୟାୟାଳୟ ଗତ ୨୦୧୫ ମସିହାରେ ଏହି ମିଶ୍ରଣ ବିରୋଧରେ ରହିତାଦେଶ ଜାରି କରିଥିଲେ। ଯାହାକି ଏ ପର୍ଯ୍ୟନ୍ତ ବଳବତ୍ତର ରହିଛି। ତେଣୁ ଏହି ପରିସ୍ଥିତିରେ ରାଉରକେଲା ମହାନଗର ନିଗମର ୪୦ଟି ୱାର୍ଡ଼ କେଉଁଠୁ ଆସିଲା ଏବଂ ମହାନଗର ନିଗମ କର୍ତ୍ତୃପକ୍ଷ ସେସବୁ ୱାର୍ଡରେ କମିଟି ଗଠନ କରିବା ପାଇଁ ଉଦ୍ୟମ କରୁଛନ୍ତି, ତାହା ସାଧାରଣରେ ଦ୍ୱନ୍ଦ ସୃଷ୍ଟି କରୁଛି। ଅପରପକ୍ଷେ ଯଦି ମହାନଗର ନିଗମ କର୍ତ୍ତୃପକ୍ଷ ଅଧୀନରେ ଜଗଦା ଓ ଝାଡତରଙ୍ଗ ପଞ୍ଚାୟତକୁ ବାଦ ଦେଇ ୪୦ ୱାର୍ଡ଼ ରହିଛି ତେବେ କର୍ତ୍ତୃପକ୍ଷ କାହିଁକି ଶୀଘ୍ର ନିର୍ବାଚନ କରୁ ନାହାନ୍ତି ବୋଲି କଂଗ୍ରେସ ପକ୍ଷରୁ ପ୍ରଶ୍ନ କରାଯାଇଛି। ସମ୍ପୃକ୍ତ ୪୦ଟି ୱାର୍ଡର ସଂଖ୍ୟା ସହିତ ପ୍ରତ୍ୟେକଟି ୱାର୍ଡର ପରିସୀମା, ତା ମଧ୍ୟରେ ଥିବା ଅଞ୍ଚଳ ଏବଂ ସମ୍ପୃକ୍ତ ୱାର୍ଡ଼ଗୁଡିକ କେଉଁ ବର୍ଗ ପାଇଁ ସଂରକ୍ଷିତ ସେ ସମ୍ପର୍କରେ ସବିଶେଷ ସୂଚନା ସାଧାରଣରେ ପ୍ରକାଶ କରା ନ ଯିବା ଦୁର୍ଭାଗ୍ୟର ବିଷୟ। ୱାର୍ଡ଼ର ବିକାଶରେ ସାଧାରଣ ଲୋକଙ୍କ ସମ୍ପୃକ୍ତି ପାଇଁ ୱାର୍ଡ଼ କମିଟି ଗଠନକୁ କଂଗ୍ରେସ ପକ୍ଷରୁ ସ୍ୱାଗତ କରାଯାଇଛି। ତେବେ ପ୍ରଥମେ ୱାର୍ଡର ସଂଖ୍ୟା ଓ ପରିସୀମାକୁ ନେଇ ରହିଥିବା ବିଭ୍ରାନ୍ତି ଦୂର କରାଗଲେ କମିଟି ଗଠନରେ ସ୍ୱଚ୍ଛତା ଓ ନିରପେକ୍ଷତା ମଧ୍ୟ ରହିବା ଜରୁରୀ। ତେଣୁ ନୀତିନିୟମକୁ ଆଧାର କରି ମହାନଗର ନିଗମ କର୍ତ୍ତୃପକ୍ଷ ତୁରନ୍ତ ନିର୍ବାଚନ କରିବାକୁ କଂଗ୍ରେସ ପକ୍ଷରୁ ଦାବି କରାଯାଇଛି। ନଚେତ୍ ରାଉରକେଲାବାସୀଙ୍କ ସାମୂହିକ ସ୍ୱାର୍ଥ ଦୃଷ୍ଟିରୁ କଂଗ୍ରେସ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରିବ ବୋଲି ଏହି ଦାବିପତ୍ରରେ ଚେତାବନୀ ଦିଆଯାଇଛି।



କଂଗ୍ରେସ ପ୍ରତିନିଧି ମଣ୍ଡଳୀ ଜିଲାପାଳଙ୍କୁ ସାକ୍ଷାତ କରିବାକୁ ଯାଉଛନ୍ତି।

- ଜିଲାପାଳଙ୍କୁ ଭେଟି ଦାବି ଜଣାଇଲା କଂଗ୍ରେସ
- ପୌର ନିର୍ବାଚନ ପାଇଁ ପାଗ ଭିଡିଲେଣି କଂଗ୍ରେସ ନେତା
- ରାଉରକେଲା ମହାନଗର ନିଗମ ସହ ୩ ପୌରପାଳିକା ଦଖଲ ନେଇ ରଣନୀତି ଆରମ୍ଭ

## ସଂକ୍ଷେପରେ

### ଟ୍ରକ ମାଡ଼ିଯାଇ ଜଣେ ମୃତ, ଜଣେ ଗୁରୁତର

ସୁନ୍ଦରଗଡ଼,୧।୮(ଡି.ଏନ୍.ଏ) ସ୍ଥାନୀୟ ରଙ୍ଗାଡ଼ିପା ଛକ ନିକଟରେ ଗୁରୁବାର ରାତି ପ୍ରାୟ ସାଢେ ୧୦ଟାବେଳେ ୨ଜଣ ପଥଚାରୀଙ୍କ ଉପରେ ଏକ ଲୁହାବୋଝେଇ ଟ୍ରକ ମାଡ଼ିଯିବା ଫଳରେ ଘଟଣାସ୍ଥଳରେ ଜଣଙ୍କର ମୃତ୍ୟୁ ଘଟିଛି। ଅନ୍ୟ ଜଣେ ଗୁରୁତର ଆହତ ହୋଇଛନ୍ତି। ପଥଚାରୀ ଦୁଇଜଣ ସ୍ଥାନୀୟ ଏକ ହୋଟେଲର କର୍ମଚାରୀ ମୁନୁ ବିଶ୍ୱାଳ (୩୫) ଓ ଅଭିମନ୍ୟୁ ମହାନନ୍ଦିଆ (୪୫)। ଉଭୟ ହସ୍ପିଟାଲ ଛକରୁ ଚାଲି ଚାଲି ଘରକୁ ଫେରୁଥିବା ବେଳେ ଟାଉନ ଥାନାଠାରୁ ମାତ୍ର ୧୦୦ ମିଟର ଦୂରତାରେ ପଛପାଖରୁ ଏକ ଲୁହାବୋଝେଇ ଟ୍ରକ ସେମାନଙ୍କ ଉପରେ ଚଢିଯାଇଥିଲା। ଫଳରେ ଘଟଣାସ୍ଥଳରେ ମୁନୁଙ୍କ ମୃତ୍ୟୁ ଘଟିଥିଲା। ଖବର ପାଇ ତୁରନ୍ତ ଟାଉନଥାନା ପୋଲିସ ଦୁର୍ଘଟଣାସ୍ଥଳରେ ପହଞ୍ଚି ଆହତ ଅଭିମନ୍ୟୁଙ୍କୁ ଉଦ୍ଧାର କରି ଡାକ୍ତରଖାନାକୁ ପଠାଇଥିଲା। ତାଙ୍କର ଅବସ୍ଥା ଗୁରୁତର ରହିଛି। ସହର ମଧ୍ୟରେ ଭାରିଯାନ ଗୁଡିକ ଦ୍ରୁତ ଗତିରେ ଚଳାଚଳ କରୁଥିବାରୁ ବିଭିନ୍ନ ସମୟରେ ଛୋଟ ବଡ ଦୁର୍ଘଟଣାମାନ ଘଟି ଅନେକ ଜୀବନହାନି ଘଟୁଥିବାରୁ ଏ ଦିଗରେ ପୋଲିସ ପ୍ରଶାସନ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି । ନଚେତ ଲୋକେ ଆନ୍ଦୋଳନ କରିବେ।

#### ଅଗଷ୍ଟ ୫ରେ ରାଜ୍ୟସ୍ତରୀୟ କ୍ରିକେଟ

### ଖେଳାଳି ଚୟନ ଶିବିର

ସୁନ୍ଦରଗଡ଼, ୧।୮ (ଡି.ଏନ୍.ଏ) ଓଡିଶା କ୍ରିକେଟ ଆସୋସିଏସନଙ୍କ ନିର୍ଦ୍ଦେଶକ୍ରମେ ସୁନ୍ଦରଗଡ ଜିଲାରୁ ୧୬ବର୍ଷରୁ କମ୍ ବର୍ଗର ୪ଜଣ ଖେଳାଳିଙ୍କୁ ରାଜ୍ୟସ୍ତରୀୟ କ୍ରିକେଟ ଚୟନ ଶିବିରକୁ ପଠାଯିବ। ଏଥିପାଇଁ ଆସନ୍ତା ୫ରେ ସୁନ୍ଦରଗଡ ଷ୍ଟାଡିୟମରେ ଏକ ଚୟନ ଶିବିର ଆୟୋଜିତ ହେବ। ଏଥିରେ ଜିଲାର ବିଭିନ୍ନ ପ୍ରାନ୍ତରରୁ ୧୬ବର୍ଷରୁ କମ୍ ବୟସର ଖେଳାଳିଙ୍କୁ ଏଥିରେ ଅଂଶଗ୍ରହଣ କରିବାର ସୁଯୋଗ ମିଳିବ। ଆଗ୍ରହୀ ଖେଳାଳି ଏକଜିକ୍ୟୁଟିଭ ମାଜିଷ୍ଟ୍ରେଟଙ୍କ ପାଖରେ କରିଥିବା ବୟସ ଘୋଷଣା ସମ୍ପର୍କୀତ ସତ୍ୟପାଠ ପୌରପରିଷଦ ଓ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପ୍ରଦତ୍ତ ମୂଳ ଜନ୍ମ ପ୍ରମାଣପତ୍ର ବିଦ୍ୟାଳୟ ଓ ମହାବିଦ୍ୟାଳୟର ପରିଚୟପତ୍ର, ମାର୍କସିଟ, ଆଧାରକାର୍ଡ ଦାଖଲ କରିବାକୁ ପଡିବ। ୨୦୦୩ ସେପ୍ଟେମ୍ବର ୮ ତାରିଖ ତଥା ପରେ ଜନ୍ମ ଗ୍ରହଣ କରିଥିବା ଖେଳାଳି ଉପରୋକ୍ତ ପ୍ରମାଣପତ୍ର ସହ ଏହି ଚୟନ ଶିବିରରେ ଭାଗ ନେଇପାରିବେ ବୋଲି ଜିଲା କ୍ରୀଡା ସଂସଦର ସାଧାରଣ ସମ୍ପାଦକ ପ୍ରଭାତ କୁମାର ଭୋଳ ସୂଚନା ଦେଇଛନ୍ତି। ସବିଶେଷ ତଥ୍ୟ ଜାଣିବା ପାଇଁ କ୍ରିକେଟ ସମ୍ପାଦକ ଶିଶିର କୁମାର ପଟେଲଙ୍କ ସହିତ ଯୋଗାଯୋଗ କରିବାକୁ ଜିଲା କ୍ରୀଡା ସଂସଦ ପକ୍ଷରୁ ଅନୁରୋଧ କରାଯାଇଛି ।

### ରାଜ୍ୟସ୍ତରୀୟ ପରେଡ଼ ପାଇଁ ବଣାଇରୁ ୮ଛାତ୍ର ମନୋନୀତ

**ବଣାଇ, ୧।୮(ସ୍ୱ.ପ୍ର.)**

ବଣାଇ ରାଜାଧରଣୀଧର ଉଚ୍ଚବିଦ୍ୟାଳରେ ଥିବା ସମର ଶିକ୍ଷାର୍ଥୀ ବାହିନୀର ୮ଛାତ୍ର ଏଥର ଅଗଷ୍ଟ ୧୫ରରେ ହେବାକୁ ଥିବା ରାଜ୍ୟ ସ୍ତରୀୟ ପରେଡରେ ଭାଗ ନେବାକୁ ମନୋନୀତ ହେଇଥିବା ଜଣାପଡିଛି। ଏହି ଅଞ୍ଚଳରୁ ପ୍ରତିବର୍ଷ ଜଣେ ଲେଖାଏଁ ଛାତ୍ର ରାଜ୍ୟସ୍ତରୀୟ ପରେଡ଼ ପାଇଁ ମନୋନିତ ହେଉଥିବା ବେଳେ ଏଥର ରାଜାଧରଣୀଧର ଉଚ୍ଚବିଦ୍ୟାଳୟର ଏନସିସି ଶିକ୍ଷକ ରମେଶଚନ୍ଦ୍ର ସେଠୀଙ୍କ ନେତୃତ୍ୱରେ ୮ଛାତ୍ର ମନୋନିତ ହୋଇଥିବା ରାଜାଧରଣୀଧର ଉଚ୍ଚବିଦ୍ୟାଳୟ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି। ଏହି ଛାତ୍ରମାନେ ଆସନ୍ତା ଅଗଷ୍ଟ ୭ ରୁ ୧୬ ପର୍ଯ୍ୟନ୍ତ ଭୁବନେଶ୍ୱରରେ ରହି ରାଜ୍ୟ ସ୍ତରୀୟ ପରେଡରେ ଭାଗନେବେ ବୋଲି ଜଣାପଡିଛି।

### ଗାଡ଼ି ଧକ୍କାରେ ଅଜଣା ବୃଦ୍ଧା ଆହତ

**ଲହୁଣୀପଡା, ୧।୮ (ଡି.ଏନ.ଏ)**

ଲହୁଣୀପଡା ଥାନା ଅନ୍ତର୍ଗତ ଦଲମକୁମ୍ଭ ଘାଟିରେ ଏକ ଗାଡି ଧକ୍କାରେ ଅଜଣା ବୃଦ୍ଧା ଗୁରୁତର ଆହତ ହୋଇ ଚିକିତ୍ସିତ ହେଉଛନ୍ତି। ବୃଦ୍ଧା ଜଣକ ଓଡିଆ କିମ୍ବା ହିନ୍ଦୀ ଭାଷା କହିପାରୁ ନ ଥିବା ଯୋଗୁ ପୋଲିସ ପରିଚୟ ବାହାର କରିପାରି ନ ଥିବା ଜଣାଯାଇଛି। ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ଗାଡ଼ି ନଂ ଜଣାପଡ଼ିନାହିଁ।

## ଅବସରପ୍ରାପ୍ତ ଅଧ୍ୟକ୍ଷଙ୍କୁ ବିଦାୟ, ନୂତନ ଅଧ୍ୟକ୍ଷଙ୍କୁ ସ୍ୱାଗତ

**ବେଦବ୍ୟାସ, ୧।୮ (ଡି.ଏନ.ଏ.)**

ବେଦବ୍ୟାସସ୍ଥିତ ମହାବିଦ୍ୟାଳୟରେ ଅବସରପ୍ରାପ୍ତ ଅଧ୍ୟକ୍ଷ ଲକ୍ଷ୍ମୀନାରାୟଣ ପଟ୍ଟନାୟକଙ୍କୁ ବିଦାୟ ଦେବା ସହ ନୂତନ ଅଧ୍ୟକ୍ଷ ପ୍ରଫେସର ଆଶୁତୋଷ ମହାପାତ୍ରଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି। ପ୍ରାରମ୍ଭରେ ଶିକ୍ଷା ବିଭାଗର ମୁଖ୍ୟ ପ୍ରଫେସର ଡ.ଚନ୍ଦ୍ରକାନ୍ତି ନାଏକଙ୍କୁ ମାନପତ୍ର ସହ ପୁଷ୍ପଗୁଚ୍ଛ ଦେଇ ସମ୍ମାନିତ କରାଯାଇଥିଲା। ପରେ ଅବସରପ୍ରାପ୍ତ ଅଧ୍ୟକ୍ଷ ଡ. ପଟ୍ଟନାୟକଙ୍କୁ ମାନପତ୍ର ସହ ପୁଷ୍ପଗୁଚ୍ଛ ଦେଇ ସମ୍ମାନିତ କରାଯାଇଥିଲା। ରସାୟନ ବିଭାଗର ମୁଖ୍ୟ ପ୍ରଫେସର ଡ. ଚିନ୍ତାମଣି ସାହୁ ସଭା ପରିଚାଳନା କରିଥିଲେ। ଏହି ଅବସରରେ ମହାବିଦ୍ୟାଳୟ ପରିଚାଳନା କମିଟି ସଦସ୍ୟ ତଥା ବିଜେଡି ରାଜ୍ୟ ପରିଷଦ ସଭ୍ୟ ଜିତେନ୍ଦ୍ରନାଥ ଦାଶ ମୁଖ୍ୟଅତିଥି ଭାବେ ଯୋଗଦେଇ ଅଧ୍ୟକ୍ଷ ପଟ୍ଟନାୟକଙ୍କୁ ବିଦାୟ ଦେବା ସହ ପ୍ରଫେସର ମହାପାତ୍ରଙ୍କୁ ସ୍ୱାଗତ କରିଥିଲେ। ମହାପାତ୍ର ତାଙ୍କର ବକ୍ତବ୍ୟ ମାଧ୍ୟମରେ କହିଥିଲେ ମହାବିଦ୍ୟାଳୟର ସାମୂହିକ ବିକାଶ ତଥା ଛାତ୍ରୀଛାତ୍ରଙ୍କ କୃତିତ୍ୱ ହାସଲ କରିବା ମୋର ପ୍ରଥମ କର୍ତ୍ତବ୍ୟ। ସେଥିପାଇଁ ଯାହା ବାଧାବିଘ୍ନ ଆସିଲେ ମଧ ତାହାର ସମ୍ମୁଖୀନ ହେବା ପାଇଁ ପ୍ରସ୍ତୁତ। ଅନ୍ୟମାନଙ୍କ ମଧ୍ୟରେ ପ୍ରଫେସର ଲୁନା ଜେନା, ଚିନ୍ତାମଣି ସାହୁ, ପ୍ରଫେସର ତନୁଶ୍ରୀ ଜେନା, ଅନ୍ନପୂର୍ଣ୍ଣା ଦ୍ୱିବେଦି, ପ୍ରଫେସର ଦେବାଶିଷ ସାହୁ, ଅକ୍ଷୟ ସ୍ୱାଇଁ, ରାମଚନ୍ଦ୍ର ଦାଶ, ରଙ୍ଗାଧର ସାହୁ ପ୍ରମୁଖଙ୍କ ସମେତ ଛାତ୍ରୀଛାତ୍ର, କର୍ମଚାରୀ ଉପସ୍ଥିତ ରହିଥିଲେ।



ଅବସରପ୍ରାପ୍ତ ଅଧ୍ୟକ୍ଷଙ୍କୁ ବିଦାୟ ସମ୍ବର୍ଦ୍ଧନା ଦିଆଯାଉଛି।

## ସୀମାନ୍ତ ଅଞ୍ଚଳରେ ପିଏଲ୍‌ଏଫ୍‌ଆଇ ଆତଙ୍କ

**ନୂଆଗାଁ,୧।୮(ଡି.ଏନ.ଏ.)**

ସୁନ୍ଦରଗଡ଼ ଜିଲା ସୀମାନ୍ତ ଅଞ୍ଚଳରେ ପିଏଲ୍‌ଏଫ୍‌ଆଇ (ପିପୁଲ୍ସ ଲିବରେସନ ଫ୍ରଣ୍ଟ ଅଫ୍ ଇଣ୍ଡିଆ)ର ଆତଙ୍କ ଜାରି ରହିଛି। ଝାଡ଼ଖଣ୍ଡ ଅଞ୍ଚଳର ସାହୁଦୀ ବୋଲି ଜଣେ ଦୁର୍ଦ୍ଧାନ୍ତ ଅପରାଧୀଙ୍କୁ ପିଏଲ୍‌ଏଫ୍‌ଆଇର ଝାଡ଼ଖଣ୍ଡ ଏରିଆ କମାଣ୍ଡର ଭାବେ ଦାୟିତ୍ୱ ଦିଆଯାଇ ଥିବା ଜଣାପଡ଼ିଛି। ସମ୍ପୃକ୍ତ ଏରିଆ କମାଣ୍ଡର ଓଡ଼ିଶା ସୀମାବର୍ତ୍ତି ଗାଁ ଗୁଡ଼ିକୁ ଅନେକ ସମୟରେ ଆସି ପଇଁତରା ମାରୁଥିବା କୁହାଯାଉଛି। ନିକଟରେ ନୂଆଗାଁ ବ୍ଲକର ଚିତାପେଡି, ଗଡ଼ମୌଜା ପଞ୍ଚାୟତର ଉପାନ୍ତ ଗ୍ରାମ ଗୁଡ଼ିକରେ ଚାଲିଥିବା ରାସ୍ତାକାମରେ ସେମାନଙ୍କ ଆଖିପଡ଼ିଛି। ଉକ୍ତ ପଞ୍ଚାୟତରେ ନିୟୋଜିତ ଠିକାଦାର ମାନଙ୍କୁ ଚାନ୍ଦା ପାଇଁ ବାରମ୍ବାର ଧମକ ଆସୁଥିବାର ଜଣାପଡ଼ିଛି। ହେଲେ ସମ୍ପୃକ୍ତ ଠିକାଦାରମାନେ ଭୟରେ ପୋଲିସକୁ କହିବାକୁ ସାହସ କରୁନଥିବା ଜଣାପଡ଼ିଛି। କାରଣ ପୋଲିସ ସେମାନଙ୍କୁ ସ୍ଥାୟୀ ସୁରକ୍ଷା ଯୋଗାଇ ପାରିବ ନାହିଁ ବୋଲି ଠିକାଦାରମାନେ ଜାଣିସାରିଛନ୍ତି। ଏଥିପ୍ରତି ପୋଲିସ ନିଜ ତରଫରୁ ଦୃଷ୍ଟିଦେଇ ପଦକ୍ଷେପ ନେବା ଜରୁରୀ ହୋଇପଡ଼ିଛି। ଅନ୍ୟପଟେ ବିଶ୍ରାଥାନା ଅନ୍ତର୍ଗତ ନୂଆଗାଁ ବ୍ଲକର ପ୍ରାୟ ୧୦ଟି ପଞ୍ଚାୟତକୁ ପୋଲିସ ପାଟ୍ରୋଲିଂ ଜରୁରୀ ହୋଇପଡ଼ିଥିବା ସାଧାରଣ ଲେକେ ଚିନ୍ତା କଲେଣି। ପୋଲିସ ପ୍ରଶାସନ ଦ୍ୱାରା ଉପଯୁକ୍ତ ପାଟ୍ରୋଲିଂ ବ୍ୟବସ୍ଥା ନ ଥିବାରୁ ନୂଆଗାଁ ଅଞ୍ଚଳରେ ପ୍ରତ୍ୟେକ ଦିନ ଝାଡ଼ଖଣ୍ଡ ଅପରାଧୀମାନଙ୍କ କାର୍ଯ୍ୟକଳାପ ବୃଦ୍ଧି ପାଉଛି। ଅଜଣା ଅଚିହ୍ନା ଲୋକେ ଦିନରାତି ଗାଡ଼ିରେ ପଇଁତରା ମାରୁଛନ୍ତି। ସବୁଠାରୁ ଉଦବେଗର ବିଷୟ ହେଲା ପିଏଲଏଫଆଇ ସଦସ୍ୟ ସ୍ଥାନୀୟ ଲୋକଙ୍କୁ ହାତ କରି ଠିକାଦାର, ବ୍ୟବସାୟୀ ମାନଙ୍କର ଫୋନ ନମ୍ବର ନେବା ସେମାନଙ୍କ ସମ୍ପୂର୍ଣ୍ଣ ତଥ୍ୟ ହାସଲ କରିବା ଏବଂ ଦରକାର ପଡ଼ିଲେ ସ୍ଥାନୀୟ ଲୋକଙ୍କୁ ମଧ ଅପରାଧୀ କାର୍ଯ୍ୟକଳାପରେ ସାମିଲ କରୁଛନ୍ତି। ନିକଟରେ ବାଗଡେଗା ହରିଦର୍ଶନ ସାହୁ ହତ୍ୟାକାଣ୍ଡର ମୁଖ୍ୟ ଖଳନାୟକ ପିଏଲଏଫଆଇର ଦୁର୍ଦ୍ଧାନ୍ତ ଅପରାଧୀ ବି.ଏସ ଲାଖୁଆଙ୍କୁ ସୋରଡ଼ା ନିକଟରୁ ବିଶ୍ରା ପୋଲିସ ଗିରଫ କରିଥିଲା। ଏଥିରୁ ସ୍ପଷ୍ଟ ଅନୁମେୟ ପିଏଲଏଫଆଇ ସଙ୍ଗଠନ ବର୍ତ୍ତମାନ ନିଜର କାୟା ବିସ୍ତାର କରୁଛି। ସେହିଭଳି ହାତୀବାରି ଥାନା ଅଞ୍ଚଳରେ ମଧ ପୋଲିସର ଢ଼ିଲାପଣ ଯୋଗୁ ଝାଡଖଣ୍ଡ ଅଞ୍ଚଳର କେତେକ ଅପରାଧୀ ପୁରୁଣାପାଣି ଅଞ୍ଚଳରେ ରହି ନିଜ ବ୍ୟବସାୟ କରୁଛନ୍ତି। ମଦ ମାଫଆ ଠାରୁ ଆରମ୍ଭ କରି ବିଭିନ୍ନ ଜିନିଷପତ୍ର ଝାଡଖଣ୍ଡକୁ ଚାଲାଣ କରିବାରେ ଅପରାଧୀ ଗୋଷ୍ଠୀ ସାମିଲ ରହୁଛନ୍ତି। ଜିଲା ପୋଲିସ ଦୃଷ୍ଟିଦେଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନୂଆଗାଁବାସୀ ଦାବି କରୁଛନ୍ତି।

### ବୁଡୁନା ଗାଁରେ ଚୋରି

ବଡଗାଁ, ୧।୮ (ଡି.ଏନ.ଏ)

ବଡ଼ଗାଁ ଥାନା ବୁଡୁନା ଗ୍ରାମର ୨ଜଣଙ୍କ ଘରୁ ଚୋରି ହୋଇଥିବା ଥାନାରେ ଅଭିଯୋଗ ହୋଇଛି। ଗୁରୁବାର ପୂର୍ବାହ୍ନ ୧୦ଟାରେ ଗ୍ରାମର ସୁରେନ୍ଦ୍ର ମାଝି ଓ ଚିନ୍ତାମଣୀ ବାଦୀ ବିଲକୁ ଯାଇଥିଲେ। ଅପରାହ୍ନ ପ୍ରାୟ ୩ଟାରେ ଘରକୁ ଫେରି ଦେଖିଲା ବେଳେ ଘର ତାଲା ଭାଙ୍ଗି କେହି ସୁରେନ୍ଦ୍ରଙ୍କ ଘର ଭିତରେ ଖୋଲାଥିବା ଆଲମାରିରୁ ସୁନା କାନଫୁଲ, ରୂପା ପାଉଁଜି ନେଇଥିଲା ବେଳେ ଚିନ୍ତାମଣୀଙ୍କ ଘରୁ କଂସା ଓ ପିତଳ ବାସନ ନେଇ ଯାଇଛି ।

## ଯୁବତୀ ବିକ୍ରି ଘଟଣା: ଉଦ୍ଧାର ଲାଗି ସ୍ୱତନ୍ତ୍ର ପୋଲିସ ଟିମ୍ ଗଠିତ

**ସୁନ୍ଦରଗଡ,୧।୮ (ଡି.ଏନ୍.ଏ)**

ସୁନ୍ଦରଗଡ ସହରର ଏକ ଦୋକାନରେ କାମ କରୁଥିବା ଜଣେ ୨୨ବର୍ଷୀୟା ଯୁବତୀଙ୍କୁ ଦିଲ୍ଲୀରେ ବିକ୍ରୀ କରିଦିଆଯାଇଥିବା ଘଟଣା ଏବେ ଚର୍ଚ୍ଚାର ବିଷୟ ହୋଇଛି। ଗୁରୁବାର ଯୁବତୀଙ୍କ ପରିବାର ପକ୍ଷରୁ କିଞ୍ଜିରିକେଲା ଓ ସୁନ୍ଦରଗଡ ଟାଉନ୍ ଥାନାରେ ଅଭିଯୋଗ ପରେ ପୋଲିସ ୨ଟି ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ସୁନ୍ଦରଗଡ ଏସ୍‌ପି ସୌମ୍ୟା ମିଶ୍ରା ଟାଉନ ଥାନାରେ ପହଞ୍ଚି ଯୁବତୀଙ୍କ ପରିବାର ଲୋକଙ୍କ ସହିତ ଘଟଣା ସମ୍ପର୍କରେ ପଚାରି ବୁଝିବା ସହ ଦିଲ୍ଲୀରୁ ଯୁବତୀଙ୍କୁ ଉଦ୍ଧାର ସକାଶେ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରିଛନ୍ତି। ଖୁବଶିଘ୍ର ପୋଲିସ ଏହି ଯୁବତୀଙ୍କୁ ଉଦ୍ଧାର କରି ଆଣିବ ବୋଲି ଏସପି ଯୁବତୀଙ୍କ ପରିବାର ବର୍ଗଙ୍କୁ ଆଶ୍ୱାସନା ଦେଇଛନ୍ତି। ପ୍ରକାଶ ଯେ କିଞ୍ଜିରିକେଲା ଥାନା କୁଲବା ସାହାପଡାର ଏହି ଯୁବତୀ ଜଣକ ସୁନ୍ଦରଗଡ ସହରର ଏକ ଦୋକାନରେ କାମ କରୁଥିଲେ ଓ ସ୍ଥାନୀୟ ଜ୍ୟୋତିନଗରରେ ରହୁଥିଲେ। ମାତ୍ର ଗତ ୨ମାସ ହେବ ତାଙ୍କୁ ନିଯୁକ୍ତି ବାହାନାରେ ପ୍ରଲୋଭନ ଦେଖାଇ କେହି ଜଣେ ଦଲାଲ ଦିଲ୍ଲୀରେ ନେଇ ବିକ୍ରି କରିଦେଇଥିବା ଜଣାଯାଇଛି।

#### ଜିଲାସ୍ତରୀୟ ବିଜ୍ଞାନ ନାଟକ ପ୍ରତିଯୋଗିତା

## କଚାରୁ ହାଇସ୍କୁଲ ପ୍ରଥମ

**କୁଆଁରମୁଣ୍ଡା,୧।୮(ଡି.ଏନ.ଏ.)**

ସୁନ୍ଦରଗଡ଼ ଜିଲା କୁଆଁରମୁଣ୍ଡା ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ଅଧୀନ କଚାରୁ ସରକାରୀ ହାଇସ୍କୁଲ ବୁଧବାର ରାଜଗାଙ୍ଗପୁରର ରାଷ୍ଟ୍ରୀୟ ବିଦ୍ୟାଳୟରେ ଆୟୋଜିତ ଜିଲାସ୍ତରୀୟ ବିଜ୍ଞାନ ନାଟକ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ହାସଲ କରିଛି। ଜିଲାରେ କୃତିତ୍ୱ ହାସଲ କରିଥିବା ଯୋଗୁ ଗୁରୁବାର ସ୍କୁଲରେ ସମସ୍ତ ଛାତ୍ରୀଛାତ୍ର ଓ ଶିକ୍ଷୟିତ୍ରୀ/ଶିକ୍ଷକଙ୍କ ମଧ୍ୟରେ ଖୁସିର ଲହିରି ଖେଳିଯାଇଥିଲା। ସ୍କୁଲର ଛାତ୍ରୀଛାତ୍ରଙ୍କ ଦ୍ୱାରା ପରିବେଷିତ ନାଟକ 'ଗାନ୍ଧିଜୀ ସ୍ୱପ୍ନ' ଉପସ୍ଥିତ ଅତିଥି ଓ ବିଚାରକମଣ୍ଡଳୀଙ୍କ ମନକୁ ବେଶ ମୁଗ୍ଧ କରିଥିଲା। ଏହି ନାଟକ ଶ୍ରେଷ୍ଠ ନାଟକଭାବେ ଯୋଗ୍ୟ ବିବେଚିତ ହୋଇ ପ୍ରଥମ ହୋଇଥିବା ବେଳେ ଏଥିରେ ଅଭିନୟ କରି ଶ୍ରେଷ୍ଠ ଅଭିନେତ୍ରୀ ଭାବେ କ୍ରାନ୍ତୀ କେର୍କେଟା ଓ ଶ୍ରେଷ୍ଠ ନାଟ୍ୟକାରଭାବେ ସ୍କୁଲର ପ୍ରଧାନଶିକ୍ଷକ ଶିବପ୍ରସାଦ ମହାପାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଏହି ନାଟକ ଚଳିତ ମାସ ୮ ତାରିଖରେ ଅନୁଷ୍ଠିତ ହେବାକୁ ଥିବା ଜୋନାଲସ୍ତରୀୟ ପ୍ରତିଯୋଗିତାରେ ଭାଗ ନେବା ପାଇଁ ଯୋଗ୍ୟ ବିବେଚିତ ହୋଇଥିବା ସ୍କୁଲର ପ୍ରଧାନଶିକ୍ଷକ ଶିବପ୍ରସାଦ ମହାପାତ୍ର ସୂଚନା ଦେଇଛନ୍ତି। ଏହି ଅବସରରେ ଜିଲାସ୍ତରୀୟ ବିଜ୍ଞାନ ନାଟକରେ ସ୍କୁଲ ପାଇଁ ଆଣିଥିବା ଏହି କୃତିତ୍ୱ ଯୋଗୁଁ ଅଂଶ ଗ୍ରହଣକାରୀ ସମସ୍ତ ଛାତ୍ରୀଛାତ୍ରମାନଙ୍କୁ ମଧ୍ୟ ସ୍କୁଲ ତରଫରୁ ପୁରସ୍କୃତ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଶିକ୍ଷକ ପଞ୍ଚାନନ ଦାଶ, ବସନ୍ତ କୁମାର ବାରିକ ଓ ଅନ୍ୟମାନେ ଉପସ୍ଥିତ ରହିଥିଲେ।



ବିଜ୍ଞାନ ନାଟକ ପ୍ରତିଯୋଗିତାରେ ପ୍ରଥମ ହୋଇଥିବା ଛାତ୍ରୀଛାତ୍ରଙ୍କୁ ସ୍କୁଲ ପକ୍ଷରୁ ପୁରସ୍କାର ପ୍ରଦାନ କରାଯାଉଛି ।

#### ଲେଫ୍ରିପଡା ଆଦର୍ଶ ବିଦ୍ୟାଳୟରେ ଛାତ୍ରାବାସ ଖୋଲାଯିବାକୁ ଦାବି

## ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା

**ସୁନ୍ଦରଗଡ଼, ୧।୮ (ଡି.ଏନ୍.ଏ)**

ଲେଫ୍ରିପଡାଠାରେ ରାଜ୍ୟ ସରକାରଙ୍କ ପକ୍ଷରୁ ଖୋଲାଯାଇଥିବା ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ ଛାତ୍ରାବାସ ନାହିଁ। ଫଳରେ ପିଲାମାନେ ହଇରାଣ ହେଉଛନ୍ତି। ଛାତ୍ରାବାସ ଖୋଲାଯିବା ଦାବିରେ ଗୁରୁବାର ସୁନ୍ଦରଗଡ଼ସ୍ଥିତ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଛାତ୍ରୀଛାତ୍ରଙ୍କ ମାତାପିତା, ଅଭିଭାବକଙ୍କ ପକ୍ଷରୁ ଗଣଧାରଣା ଦିଆଯାଇଥିଲା। କୋଶଳ ସମାଜ ପକ୍ଷରୁ ଦିଲୀପ କୁମାର ପଣ୍ଡାଙ୍କ ନେତୃତ୍ୱରେ ଧାରଣାରେ ବିଦ୍ୟାଳୟରେ ଅଧ୍ୟୟନରତ ଛାତ୍ରୀଛାତ୍ରଙ୍କର ମାତାପିତା ଓ ଅଭିଭାବକ ବହୁସଂଖ୍ୟାରେ ଯୋଗଦେଇଥିଲେ। ବର୍ତ୍ତମାନ ଏହି ବିଦ୍ୟାଳୟ ଲେଫ୍ରିପଡା ଠାରେ ଅସ୍ଥାୟୀ ଭାବେ ଚାଲୁଥିବା ବେଳେ ଏହାର ସ୍ଥାୟୀ ବିଦ୍ୟାଳୟ ଛଟେନପାଲି ଠାରେ ନିର୍ମାଣଧୀନ ଅଛି। ଏହି ବିଦ୍ୟାଳୟରେ ଲେଫ୍ରିପଡା, ଟାଙ୍ଗରପାଲି ଓ ହେମଗିର ବ୍ଲକର ୮୨ଜଣ ଛାତ୍ରୀଛାତ୍ର ପ୍ରବେଶିକା ପରୀକ୍ଷା ମାଧ୍ୟମରେ ନାମ ଲେଖାଇଛନ୍ତି। ବହୁ ଦୂର ଦୂରାନ୍ତରୁ ଏହି ଛାତ୍ରୀ ଛାତ୍ରଙ୍କୁ ସେମାନଙ୍କ ଅଭିଭାବକମାନେ ପ୍ରତିଦିନ ନେବା ଆଣିବା କରିବା କଷ୍ଟସାଧ୍ୟ ହେଉଛି। ଅଭିଭାବକଙ୍କ ପରିବାର ପ୍ରତିପୋଷଣରେ ଏଥିଯୋଗୁ ବ୍ୟାପକ ଅବ୍ୟବସ୍ଥା ଦେଖାଦେଇଛି। ଏଣୁ ଛାତ୍ରୀଛାତ୍ରଙ୍କ ପାଇଁ ଛାତ୍ରାବାସର ସୁବିଧା ସକାଶେ ଦାବିକରି ଏହି ଧାରଣା ଦିଆଯାଇଥିଲା। ପରେ ଜିଲାପାଳ ନିଖିଲ ପବନ କଲ୍ୟାଣ ଆନ୍ଦୋଳନକାରୀଙ୍କ ସହିତ ଆଲୋଚନା କରି ୨୦ଦିନ ମଧ୍ୟରେ ସମସ୍ୟାର ସମାଧାନ ହେବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି।



ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଛାତ୍ରୀଛାତ୍ରଙ୍କ ମାତାପିତା, ଅଭିଭାବକ ଧାରଣା ଦେଇଛନ୍ତି।



ଗୋଟିଏ ମାରାତ୍ମକ ମିଥ୍ୟା କହି ଜଣେ ଯଦି ତାକୁ ସତ୍ୟ ବୋଲି ପ୍ରମାଣିତ କରିଦେଇ ପାରିଲା, ତେବେ ସେ ହିଁ ସବୁଠାରୁ ବିପଜ୍ଜନକ ଲୋକ।
- ସିସେରା



## ସଂକ୍ଷେପରେ

### ଆସୁଛି ବଡ଼ ବର୍ଷା: ୩ରେ ଲଘୁଚାପ

**ଭୁବନେଶ୍ୱର,୧।୮(ବ୍ୟୁରୋ):** ଉତ୍ତର ପୂର୍ବ ବଙ୍ଗୋପସାଗର ଏବଂ ଓଡ଼ିଶା ଉପକୂଳରେ ଲଘୁଚାପ ଦାନା ବାନ୍ଧୁଛି। ଆସନ୍ତା ୩ ତାରିଖରେ ଏହା ଘନୀଭୂତ ହେବାର ସମ୍ଭାବନା ରହିଛି। ଉତ୍ତର, ଦକ୍ଷିଣ ଏବଂ ଉପକୂଳ ଓଡ଼ିଶାକୁ ବୁଡ଼ାଇବ। ଏହା ପ୍ରଭାବରେ ପୁରୀ, ଖୋର୍ଦ୍ଧା, ନୟାଗଡ଼, କନ୍ଧମାଳ, ସୋନପୁର, ବୌଦ୍ଧ, ସମ୍ବଲପୁର, ଝାରସୁଗୁଡା, ବାଲେଶ୍ୱର, ଭଦ୍ରକ, ମୟୂରଭଞ୍ଜ, ଯାଜପୁର, କଟକ, କେନ୍ଦ୍ରାପଡ଼ା ଜଗତ୍‌ସିଂହପୁର ଆଦି ଜିଲାରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। କେତେକ ସ୍ଥାନରେ ପ୍ରବଳରୁ ଅତିପ୍ରବଳ ବର୍ଷା ହେବ ବୋଲି ପାଣିପାଗ ବିଭାଗ ଅନୁମାନ କରିଛି। ୪ରୁ ୬ ତାରିଖ ଯାଏ ବର୍ଷା ଲାଗିରହିବ। ଏଥିଯୋଗୁ କେତେକ ନଦୀରେ ବନ୍ୟା ଆସିବାର ସମ୍ଭାବନା ରହିଛି। ଲଘୁଚାପକୁ ଦୃଷ୍ଟିରେ ରଖି ଆସନ୍ତା ୪ ତାରିଖରୁ ସମୁଦ୍ରକୁ ନ ଯିବା ଲାଗି ମତ୍ସ୍ୟଜୀବୀମାନଙ୍କୁ ସତର୍କ କରାଯାଇଛି। ଜୁନ ପହିଲାରୁ ଅଗଷ୍ଟ ୧ ତାରିଖ ଯାଏ ରାଜ୍ୟରେ ସ୍ୱାଭାବିକ ଠାରୁ ୨୨ ପ୍ରତିଶତ କମ୍ ବର୍ଷା ହୋଇଛି। ପାଣିପାଗ ବିଭାଗରୁ ମିଳିଥିବା ସୂଚନା ଅନୁଯାୟୀ ଏହି ସମୟରେ ରାଜ୍ୟରେ ୫୬୩.୪ ମିଲିମିଟର ବର୍ଷା ହେବାକୁ ଥିବା ବେଳେ ହୋଇଛି ମାତ୍ର ୪୪୦.୪ ମିଲିମିଟର। ରାଜ୍ୟର ୧୦ଟି ଜିଲାରେ ବର୍ଷାଭାବରୁ ସାଂଘାତିକ ପରିସ୍ଥିତି ସୃଷ୍ଟି ହୋଇଛି। ଏହି ସମୟରେ ଅନୁଗୋଳ ଜିଲାରେ ୩୩ ପ୍ରତିଶତ କମ୍ ବର୍ଷା ହୋଇଥିବା ବେଳେ ବଲାଙ୍ଗୀର ୩୪, ବାଲେଶ୍ୱର ୪୪, ଦେବଗଡ଼ ୩୪, ଯାଜପୁର ୩୨, କନ୍ଧମାଳ ୩୧, କେନ୍ଦୁଝର ୩୧, ମୟୂରଭଞ୍ଜ ୩୪, ସମ୍ବଲପୁର ୩୨ ଏବଂ ସୁନ୍ଦରଗଡ଼ ଜିଲାରେ ୩୫ ପ୍ରତିଶତ କମ୍ ବର୍ଷା ହୋଇଛି।

### ଘର କବାଟ ଭାଙ୍ଗି ସୁନା ଅଳଙ୍କାର ଚୋରି

**ଲଇକେରା,୧।୮(ଡି.ଏନ୍.ଏ.):** ଝାରସୁଗୁଡ଼ା ଜିଲା ଲଇକେରା ଥାନା ଭାତଲଇଡ଼ା ଗ୍ରାମର ଅବସରପ୍ରାପ୍ତ ଖେଳ ଶିକ୍ଷକ ପୀତାମ୍ବର ସାହୁଙ୍କ ଘର କବାଟ ଭାଙ୍ଗି ବୁଧବାର ରାତିରେ ଦୁର୍ବୃତ୍ତମାନେ ୪୪ ଗ୍ରାମ ସୁନା, ୧୦ ଭରି ରୁପା ଅଳଙ୍କାର, ୨ ହଜାର ଟଙ୍କା ଚୋରାଇ ନେଇଥିବା ଥାନାରେ ଅଭିଯୋଗ ହୋଇଛି। ପୀତାମ୍ବର ଓ ତାଙ୍କ ସ୍ତ୍ରୀ ଶୋଇଥିବା ରୁମ୍‌ର କବାଟ ଖୋଲା ରହିଥିଲା। ଟେବୁଲ ଉପରେ ଅନ୍ୟ ଘରର ଚାବି ରଖାଯାଇଥିଲା। ଦୁର୍ବୃତ୍ତମାନେ ଚାବି ନେଇ ସମ୍ପୃକ୍ତ ଘରେ ଥିବା ଦୁଇଟି ଷ୍ଟିଲ୍ ଆଲମିରାରୁ ଟଙ୍କା ଓ ସୁନାରୁପା ଅଳଙ୍କାର ଲୁଟି ନେଇଛନ୍ତି। ଅଭିଯୋଗ ପାଇ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଥିବା ଏଏସ୍‌ଆଇ ରୋହିତ ନାଏକ କହିଛନ୍ତି। ଥାନା ଅଧିକାରୀ ବିଶ୍ୱପତି ପଣ୍ଡା ଘଟଣାସ୍ଥଳ ପରିଦର୍ଶନ କରି ତଦନ୍ତ କରିଛନ୍ତି। ଖୁବ୍‌ଶୀଘ୍ର ଚୋରଙ୍କୁ ଧରାଯିବ ବୋଲି ପଣ୍ଡା କହିଛନ୍ତି।

### ଦନ୍ତା ଆକ୍ରମଣରେ ମହିଳା ମୃତ

**ବଇଣ୍ଡା,୧।୮(ଡି.ଏନ.ଏ.):** ଅନୁଗୋଳ ଜିଲା କିଶୋରନଗର ବ୍ଲକ ହଣ୍ଡପା ଥାନା ପ୍ରତାପପୁର ଗ୍ରାମରେ ଗୁରୁବାର ସକାଳେ ଦନ୍ତା ହାତୀ ଆକ୍ରମଣରେ ମଞ୍ଜୁଲତା ସାହୁ (୩୫)ଙ୍କ ମୃତ୍ୟୁ ହୋଇଛି। ସେ ଘର ନିକଟ ପଡ଼ିଆକୁ ଶୌଚ ପାଇଁ ଯାଇ ଫେରୁଥିବାବେଳେ ବୁଦା ନିକଟରେ ଦନ୍ତା ହାବୁଡ଼ରେ ପଡ଼ିଥିଲେ। ହାତୀଟି ତାଙ୍କୁ ଦଳି ଦେଇଥିଲା। ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ମୃତକଙ୍କ ପରିବାରକୁ ୫୦ ଲକ୍ଷ ଟଙ୍କା କ୍ଷତିପୂରଣ ଏବଂ ଜଣଙ୍କୁ ଚାକିରି ଦାବିରେ ଗ୍ରାମବାସୀ କଟକ-ସମ୍ବଲପୁର ୫୫ନଂ.ଜାତୀୟ ରାଜପଥକୁ ପ୍ରତାପପୁରଠାରେ ୨ ଘଣ୍ଟା ଅବରୋଧ କରିଥିଲେ।

■ ବହୁଚର୍ଚ୍ଚିତ ଅମିତ ଧଳ ହତ୍ୟାକାଣ୍ଡ

# ଝାରସୁଗୁଡ଼ା ପହଞ୍ଚିଲେ ମୁଖ୍ୟ ଅଭିଯୁକ୍ତ ସୋନୁ

**ଝାରସୁଗୁଡ଼ା ଅଫିସ/ଲଖନପୁର, ୧।୮(ଡି.ଏନ୍.ଏ.)**

■ପଶ୍ଚିମବଙ୍ଗରୁ ଗିରଫ କରିଥିଲା ପୋଲିସ
■କୋର୍ଟରେ ହାଜର ପରେ ଜେଲ ପଠାଗଲା
■ରିମାଣ୍ଡରେ ଆଣିବା ପାଇଁ ପୋଲିସର ଆବେଦନ

ବହୁଚର୍ଚ୍ଚିତ ବ୍ରଜରାଜନଗର ଅମିତ ଧଳ ହତ୍ୟାକାଣ୍ଡର ମାସକ ପରେ ମୁଖ୍ୟ ଅଭିଯୁକ୍ତ କମଲେଶ ଘୋଷ ଓରଫ ସୋନୁ (୩୮)ଙ୍କୁ ପୋଲିସ ପଶ୍ଚିମବଙ୍ଗରୁ ଗିରଫ କରି କଡ଼ା ସୁରକ୍ଷା ବଳୟ ମଧ୍ୟରେ ଝାରସୁଗୁଡ଼ା ଆଣିଛି। ଗୁରୁବାର ପୋଲିସ ସୋନୁଙ୍କୁ ଏସ୍‌ଡିଜେଏମ୍ କୋର୍ଟରେ ହାଜର କରିଥିଲା। କୋର୍ଟ ନିର୍ଦ୍ଦେଶ ବଳରେ ତାଙ୍କୁ ଜେଲ୍ ପଠାଇ ଦିଆଯାଇଛି। ତାଙ୍କୁ ରିମାଣ୍ଡରେ ଆଣିବା ପାଇଁ ପୋଲିସ କୋର୍ଟରେ ଆବେଦନ କରିଛି। ରିମାଣ୍ଡରେ ଆଣି ପୋଲିସ ସୋନୁଙ୍କୁ ଅଧିକ ଜେରା କରିବ ବୋଲି ଏସ୍‌ଡିପିଓ ନୃପଚରଣ ଦଣ୍ଡସେନା କହିଛନ୍ତି।

ପୂର୍ବରୁ ପୋଲିସ ଏହି ହତ୍ୟାକାଣ୍ଡରେ ସମ୍ପୃକ୍ତ ୬ ଜଣଙ୍କୁ ଗିରଫ କରିଥିଲା। ତେବେ ସୋନୁ ସେହିଦିନରୁ ଫେରାର ଥିଲେ। ତାଙ୍କୁ ଧରିବା ପାଇଁ ଝାରସୁଗୁଡ଼ା ପୋଲିସ ଜାଲ ବିଛାଇଥିଲା। ସେ ପଶ୍ଚିମବଙ୍ଗରେ ଥିବା ପୋଲିସ ତଦନ୍ତରୁ ଜାଣିପାରିଥିଲା। ଏସ୍‌ପି ଅଶ୍ୱିନୀ ମହାନ୍ତିଙ୍କ ନିର୍ଦ୍ଦେଶକ୍ରମେ ବନହରପାଲି ଥାନା ଆଇଆଇସି ପ୍ରଶାନ୍ତ ମେହେରଙ୍କ ନେତୃତ୍ୱରେ ବ୍ରଜରାଜନଗର ଆଇଆଇସି ବିଶ୍ୱାମିତ୍ର ହରିପାଲ, ଏସ୍‌ଆଇ ଜିତେନ୍ଦ୍ର ସାହୁ ପ୍ରମୁଖଙ୍କୁ ନେଇ ଗଠିତ ପୋଲିସ ଟିମ୍ ପଶ୍ଚିମବଙ୍ଗ ଯାଇଥିଲେ। ସେଠାରେ ସୋନୁଙ୍କୁ ଗିରଫ କରାଯିବା ପରେ ସ୍ଥାନୀୟ ସିଆଲଦା କୋର୍ଟରେ ହାଜର କରାଯାଇଥିଲା। ଓଡ଼ିଶା ଆଣିବା ପାଇଁ ପୋଲିସ ସିଆଲଦା କୋର୍ଟରେ ଆବେଦନ କରିଥିଲା। ତେବେ ଅନୁମତି ପ୍ରଦାନରେ ବିଳମ୍ବ ହେବାରୁ ଝାରସୁଗୁଡ଼ା



ସୋନୁଙ୍କ ଫାଇଲ୍ ଫଟୋ।

ପୋଲିସ ସପ୍ତାହ ଧରି ସେଠାରେ ଡେରା ପକାଇଥିଲା। ବୁଧବାର ସିଆଲଦା କୋର୍ଟରୁ ଅନୁମତି ମିଳିବା ପରେ ପୋଲିସ ସଶସ୍ତ୍ର ବାହିନୀ ସହ ଭ୍ୟାନ୍‌ରେ ସେଠାରୁ ବାହାରି ଝାରସୁଗୁଡ଼ାରେ ପହଞ୍ଚିଥିଲା।

ଅନ୍ୟପକ୍ଷରେ ସୋନୁଙ୍କୁ ପଶ୍ଚିମବଙ୍ଗରୁ ଗିରଫ କରାଯିବା ପରେ ପୋଲିସ ତାଙ୍କୁ ବିମାନରେ ଝାରସୁଗୁଡ଼ା ଆଣୁଛି ବୋଲି ଏଠାରେ ଗୁଜବ ପ୍ରଚାର ହୋଇଥିଲା। ଫଳରେ ହତ୍ୟାର ଶିକାର ହୋଇଥିବା ଅମିତ ଧଳ ଗୋଷ୍ଠୀର ୨ଜଣ ଯୁବକ ସୋନୁଙ୍କୁ ମାରିବା ପାଇଁ ଝାରସୁଗୁଡ଼ା ବିମାନବନ୍ଦରେ ଲୁଚି ରହିଥିଲେ। ଖବର ପାଇ ପୋଲିସ ବିମାନବନ୍ଦରରେ ଲୁଚିଥିବା ଅନନ୍ତ ଧଳ ଓ ଶାନ୍ତନୁ ପାତ୍ରଙ୍କୁ ଗିରଫ କରିଥିଲା। ସେମାନଙ୍କ ନିକଟରୁ ବନ୍ଧୁକ ଓ ଗୁଳି ଜବତ କରାଯାଇଛି। ଏହି ଘଟଣା ପରେ ସୋନୁଙ୍କ ସୁରକ୍ଷା ନେଇ ପୋଲିସର ଚିନ୍ତା ବଢ଼ିଯାଇଥିଲା। ଫଳରେ ତାଙ୍କୁ ପଶ୍ଚିମବଙ୍ଗରୁ କଡ଼ା ସୁରକ୍ଷା ମଧ୍ୟରେ ଝାରସୁଗୁଡ଼ା ଅଣାଯାଇଥିଲା। ସୋନୁଙ୍କ ନାମରେ ପୂର୍ବରୁ ବହୁ ସଙ୍ଗିନ ଆପରାଧିକ ମାମଲା ରହିଛି। ସେ ଅନେକ ଥର ଜେଲ୍ ଯାଇଥିବା ପୋଲିସ ସୂତ୍ରରୁ ଜଣାପଡ଼ିଛି। ସୂଚନାଯୋଗ୍ୟ ଗତ ଜୁନ ୨୪ ତାରିଖ ରାତି ୮ଟାରେ ବ୍ରଜରାଜନଗର ବସ୍‌ଷ୍ଟାଣ୍ଡ ନିକଟରେ ଅମିତ ସାଙ୍ଗମାନଙ୍କ ସହ ତାସ୍ ଖେଳୁଥିବାବେଳେ ୨ଜଣ ଯୁବକ ବାଇକ୍‌ରେ ଆସି ତାଙ୍କ ଉପରକୁ ଅତର୍କିତ ଗୁଳି ଚଳାଇ ଫେରାର ହୋଇଯାଇଥିଲେ। ତାଙ୍କୁ ବୁର୍ଲା ମେଡିକାଲ ନିଆଯାଉଥିବା ବେଳେ ବାଟରେ ମୃତ୍ୟୁ ହୋଇଥିଲା।

■ ରାଜରାସ୍ତା ପାଲଟିଛି ବୁଲା ଗୋରୁଙ୍କ ଆଶ୍ରୟସ୍ଥଳୀ

# ବଢୁଛି ଟ୍ରାଫିକ୍ ସମସ୍ୟା, ଦୁର୍ଘଟଣା

**କୋଲାବିରା,୧।୮(ଡି.ଏନ୍.ଏ.)**

ରାଜରାସ୍ତା ପାଲଟିଛି ବୁଲା ଗୋରୁଙ୍କ ଆଶ୍ରୟସ୍ଥଳୀ। ରାସ୍ତାରେ ଗୋରୁଙ୍କ ଅବାଧ ବିଚରଣ ଯୋଗୁ ଟ୍ରାଫିକ୍ ସମସ୍ୟା ଓ ଦୁର୍ଘଟଣା ବଢୁଛି। ଅଜଣା ଗାଡ଼ି ଧକ୍କାରେ ବୁଧବାର ଏକ ବଳଦର ମୃତ୍ୟୁ ହୋଇଥିବାବେଳେ ସନ୍ଧ୍ୟାରେ କୋଲାବିରା ଦେଇ ଯାଇଥିବା ଜାତୀୟ ରାଜପଥର ପଞ୍ଚାୟତ କାର୍ଯ୍ୟାଳୟ ସମ୍ନାରେ ଏକ ବାଇକ୍ ଧକ୍କାରେ ଏକ ବାଛୁରୀର ମୃତ୍ୟୁ ହୋଇଛି। ଏହି ଦୁର୍ଘଟଣାରେ ବାଇକ୍‌ରେ ଯାଉଥିବା ଗୋଟିଏ ପରିବାରର ୩ଜଣ ଆହତ ହୋଇଛନ୍ତି। କୁଚିଣ୍ଡା କେଶେଇବାହାଲ ଅଞ୍ଚଳର ଜଣେ ବ୍ୟକ୍ତି ତାଙ୍କ ସ୍ତ୍ରୀ ଏବଂ ପୁଅଙ୍କୁ ନେଇ ବାଇକ୍ ଯୋଗେ ଝାରସୁଗୁଡ଼ାରୁ ଘରକୁ ଫେରୁଥିବା ସମୟରେ ଏହି ଦୁର୍ଘଟଣା ଘଟିଥିଲା। ତିନିଜଣ ଯାକ ବାଇକ୍‌ରୁ ଖସିପଡ଼ି ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ସେମାନଙ୍କୁ ଉଦ୍ଧାର କରି କୋଲାବିରା ମେଡିକାଲରେ ଭର୍ତ୍ତି କରିଥିଲେ। ଝିପିଝିପି ବର୍ଷା ସାଙ୍ଗକୁ ଅନ୍ଧାର ଯୋଗୁ ଏହି ଦୁର୍ଘଟଣା ଘଟିଛି। ସେହିପରି ୪ ଦିନ ପୂର୍ବରୁ ମୁଖ୍ୟ ରାସ୍ତାରେ କୌଣସି ଗାଡ଼ି ଧକ୍କାରେ ୩ ଗୋରୁ ମୃତାହତ ହୋଇଥିଲେ। ବର୍ଷାଦିନ ଯୋଗୁ ଗାଈଗୋରୁ ରାସ୍ତା ଉପରେ ମେଳି ଜମାଉଛନ୍ତି। ସେମାନେ ଫସଲ ମଧ୍ୟ ଖାଇଯାଉଛନ୍ତି। ଗୋରୁ ଜଗିବାକୁ ଚାଷୀମାନେ ରାତିତମାମ ନାକେଦମ୍ ହେଉଛନ୍ତି। କୋଲାବିରା ସମେତ ସମାସିଂହା, ବଡ଼ବାହଲା, ପୋଖରାସାହ୍ଲେ, ମାଲିଡିହି ପ୍ରଭୃତି ଗ୍ରାମରେ ମୁଖ୍ୟ ରାସ୍ତା ଗୋରୁଙ୍କ ଆଶ୍ରୟସ୍ଥଳୀ ପାଲଟିଛି। ଫଳରେ ଜାତୀୟ ରାଜପଥରେ ଯାତାୟାତ କରୁଥିବା ଗାଡ଼ିଗୁଡ଼ିକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଚାଷବାସ ଆରମ୍ଭ ହୋଇଥିଲେ ମଧ୍ୟ ଲୋକେ ନିଜ ଗୋରୁଙ୍କୁ ରାତିରେ ଗୁହାଳରେ ବାନ୍ଧି ରଖୁ ନ ଥିବାରୁ ସମସ୍ୟା ହେଉଛି। ଗୋପାଳକମାନେ ସେମାନଙ୍କ ଗୋରୁଙ୍କୁ ନିଜ ନିୟନ୍ତ୍ରଣରେ ରଖିବାକୁ ସାଧାରଣରେ ଦାବି ହେଉଛି। ଅନ୍ୟଥା ସେମାନଙ୍କୁ କାଞ୍ଜିହୁଦାରେ ଛାଡ଼ିବା ବ୍ୟବସ୍ଥା କରିବାକୁ ପଞ୍ଚାୟତ ସ୍ତରରେ ଉଦ୍ୟମ କରାଯିବାକୁ ଦାବି ହେଉଛି। ପଞ୍ଚାୟତ ପକ୍ଷରୁ ନୋଟିସ ଜାରି କରିବା ସହ ଢେଙ୍ଗୁରା ଦେଇ ଲୋକଙ୍କୁ ଏ ଦିଗରେ ସଚେତନ କରିବା ଉଚିତ୍ ବୋଲି ମତ ପ୍ରକାଶ ପାଇଛି।



ବିଦ୍ୟାଳୟରେ ବୃକ୍ଷରୋପଣ କରାଯାଉଛି।

# ସୁଲାହି ୟୁପି ସ୍କୁଲରେ ବନ ମହୋତ୍ସବ

**କିର୍ମିରା,୧।୮(ଡି.ଏନ୍.ଏ.)**

କିର୍ମିରା ବ୍ଲକ ସୁଲାହି ପ୍ରାଥମିକ ବିଦ୍ୟାଳୟରେ ୭୦ତମ ବନ ମହୋତ୍ସବ ପାଳିତ ହୋଇଛି। ପ୍ରଧାନ ଶିକ୍ଷୟିତ୍ରୀ ଯୋଜନା ଗନ୍ଧା ପ୍ରଧାନଙ୍କ ତତ୍ତ୍ୱାବଧାନରେ ଛାତ୍ରୀଛାତ୍ର ସ୍କୁଲ ପରିସରରେ ବିଭିନ୍ନ ପ୍ରଜାତିର ଔଷଧୀୟ ବୃକ୍ଷରୋପଣ କରିଥିଲେ। ଏହି ଅବସରରେ ସ୍କୁଲରେ ଏକ ସଭା ଆୟୋଜନ କରାଯାଇଥିଲା। ଏଥିରେ ବାଗଡିହି ରେଞ୍ଜର ଗଜୀନ୍ଦ୍ର ନାଏକ ମୁଖ୍ୟଅତିଥି ଭାବେ ଯୋଗଦେଇ ବୃକ୍ଷରୋପଣର ଉପକାରିତା ବିଷୟରେ କହିବା ସହ ସମସ୍ତେ ବୃକ୍ଷରୋପଣ କରିବାକୁ ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏବିଇଓ ରବୀନ୍ଦ୍ର ସିଂ, ସିଆର୍‌ସିସି ଈଶ୍ୱର ଧୁରୁଆ, ଫରେଷ୍ଟ ଗାର୍ଡ ନେପାଳ ପ୍ରଧାନ, ଶାନ୍ତନୁ ପ୍ରଧାନ, ସନ୍ତୋଷ କିଷାନ, ସଭ୍ୟ କ୍ଷୀରୋଦ ପୋମ, ପ୍ରେମଚାନ୍ଦ ନାଏକ, ଜୟନ୍ତୀ ପିଙ୍ଗ, ଶିକ୍ଷୟିତ୍ରୀ ଗୁଲଣା ମାଝିପ୍ରମୁଖ ଉପସ୍ଥିତ ଥିଲେ।

# ଜିଲାପାଳଙ୍କ କୋଲାବିରା ଅଞ୍ଚଳ ପରିଦର୍ଶନ

**କୋଲାବିରା,୧।୮(ଡି.ଏନ୍.ଏ.)**

ଝାରସୁଗୁଡ଼ା ଜିଲା କୋଲାବିରା ବ୍ଲକ ଅଞ୍ଚଳବାସୀ ଚାଷ ଉପରେ ସମ୍ପୂର୍ଣ୍ଣ ନିର୍ଭରଶୀଳ। ତେବେ ଏହି ଅଞ୍ଚଳ ଅଣଜଳସେଚିତ ହୋଇଥିବାରୁ ଏଠିକାର ବର୍ଷା ନ ହେଲେ ଏଠିକାର ଚାଷୀ ମରୁଡ଼ି ପରିସ୍ଥିତିର ସମ୍ମୁଖୀନ ହୋଇଥାନ୍ତି। ବ୍ଲକରେ ୩ଟି ମେଗା ଉଠା ଜଳସେଚନ ପ୍ରକଳ୍ପ ଥାଇ ମଧ୍ୟ ଚାଷୀଙ୍କ ଜମିରେ ପାଣି ପହଞ୍ଚି ପାରୁନାହିଁ। ଏ ସଂକ୍ରାନ୍ତରେ ଗତ ସୋମବାର ଜିଲାପାଳଙ୍କ ଅଭିଯୋଗ ସୁଣାଣି ଶିବିରରେ ଅଭିଯୋଗ ହୋଇଥିଲା। ଏ କଥାକୁ ଗୁରୁତ୍ୱର ସହ ନେଇ ଜିଲାପାଳ ଜ୍ୟୋତିରଞ୍ଜନ ପ୍ରଧାନ ବୁଧବାର କୋଲାବିରା ଅଞ୍ଚଳ ପରିଦର୍ଶନ କରିଥିଲେ। ପ୍ରତ୍ୟକ୍ଷ ଭାବେ ସେ ମେଗା ଉଠା ଜଳସେଚନ ବ୍ୟବସ୍ଥା ଦେଖିଥିଲେ। କୋଲାବିରା ତହସିଲ କାର୍ଯ୍ୟାଳୟକୁ ଆସି ପ୍ରଥମେ ସେ ସ୍ୱଚ୍ଛତା ଉପରେ ଗୁରୁତ୍ୱାରୋପ କରିଥିଲେ। ପରେ ସୋଡ଼ାମାଲ ଏବଂ ସମାସିଂହା ସ୍ଥିତ ମେଗା ଉଠା ଜଳସେଚନ ପ୍ରକଳ୍ପକୁ ଯାଇ ସେଗୁଡ଼ିକ ଠିକ୍ ଭାବେ କାର୍ଯ୍ୟକ୍ଷମ ରହିଥିବା ଦେଖି ସନ୍ତୋଷ ବ୍ୟକ୍ତ କରିଥିଲେ। ସେଠାରୁ ଅମନାପାଲି ୟୁପି ସ୍କୁଲକୁ ଯାଇ ସ୍ଥିତି ବିଷୟରେ ବୁଝିବା ସହ ବିଦ୍ୟାଳୟ ପରିସରରେ ସ୍ୱଚ୍ଛତାର ଅଭାବ ରହିଥିବା ନେଇ ପ୍ରଧାନ ଶିକ୍ଷକଙ୍କୁ ଏଥିପ୍ରତି ଯତ୍ନବାନ ହେବାକୁ ପରାମର୍ଶ ଦେଇଥିଲେ। ଜିଲାପାଳଙ୍କ ସହ କୋଲାବିରା ତହସିଲଦାର ସଞ୍ଜୀବ କୁମାର ପଟେଲ ଉପସ୍ଥିତ ଥିଲେ।



ଜିଲାପାଳ ଜ୍ୟୋତିରଞ୍ଜନ ପ୍ରଧାନ ଅମନାପାଲି ୟୁପି ସ୍କୁଲ ପରିଦର୍ଶନ କରୁଛନ୍ତି।

ସେଠାରୁ ଫେରି ଜିଲାପାଳ କୋଲାବିରା ବ୍ଲକ କାର୍ଯ୍ୟାଳୟ ପରିଦର୍ଶନ କରି ବିଡିଓ ବିଜୟ କୁମାର ସଏଙ୍କ ସହ ଅଞ୍ଚଳର ବିଭିନ୍ନ ସମସ୍ୟା ତଥା ଉନ୍ନୟନ କାର୍ଯ୍ୟ ବିଷୟରେ ଆଲୋଚନା କରିଥିଲେ। ବିଶେଷକରି ଭତ୍ତା ଏବଂ ଆବାସ ଯୋଜନାର କାର୍ଯ୍ୟକାରିତା ଉପରେ ଆଲୋଚନା କରି ଆବଶ୍ୟକ ପଦକ୍ଷେପ ନେବାକୁ ପରାମର୍ଶ ଦେଇଥିଲେ। ଏହି ଅବସରରେ କୋଲାବିରା ଗ୍ରାମ୍ୟ ଉନ୍ନୟନ କମିଟି ସଭାପତି ବୀରେନ୍ଦ୍ର କୁମାର ମହାପାତ୍ର ଜିଲାପାଳଙ୍କୁ ଭେଟି ଅଞ୍ଚଳରେ ଅସମ୍ପୂର୍ଣ୍ଣ କାର୍ଯ୍ୟଗୁଡ଼ିକୁ ଶୀଘ୍ର ସାରି କାର୍ଯ୍ୟକ୍ଷମ କରିବାକୁ ଅନୁରୋଧ କରିଥିଲେ। ଅନେକଗୁଡ଼ିଏ ଉନ୍ନୟନ ପ୍ରକଳ୍ପ ଦୀର୍ଘବର୍ଷ ଧରି ଅଧାପନ୍ତରିଆ ହୋଇ ପଡ଼ିରହିଛି। ସେହିପରି କେତେକ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇ ସାରିଥିଲେ ମଧ୍ୟ ଠିକାଦାରମାନେ ସେଗୁଡ଼ିକୁ ସମ୍ପୃକ୍ତ ବିଭାଗକୁ ହସ୍ତାନ୍ତର କରି ନ ଥିବାରୁ ଲୋକଙ୍କ କାମରେ ଆସୁନାହିଁ। ଏଥିପ୍ରତି ଦୃଷ୍ଟି ଦେବାକୁ ମହାପାତ୍ର ଜିଲାପାଳଙ୍କୁ ଅନୁରୋଧ କରିଥିଲେ।

■ ଜିଲାସ୍ତରୀୟ ବିଜ୍ଞାନ ନାଟକ ଉଦ୍‌ଯାପିତ

# ସମାସିଂହା କେଜି ବାଳିକା ଉଚ୍ଚ ବିଦ୍ୟାଳୟର କୃତିତ୍ୱ

**କୋଲାବିରା,୧।୮(ଡି.ଏନ୍.ଏ.)**

ଝାରସୁଗୁଡ଼ାସ୍ଥିତ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ଆୟୋଜିତ ଜିଲାସ୍ତରୀୟ ବିଜ୍ଞାନ ନାଟକ ଉଦ୍‌ଯାପିତ ହୋଇଛି। ବିଜ୍ଞାନ ଶିକ୍ଷା ପ୍ରତି ଛାତ୍ରୀଛାତ୍ରଙ୍କ ମଧ୍ୟରେ ଆଗ୍ରହ ସୃଷ୍ଟି, ବୈଜ୍ଞାନିକ ମନୋବୃତ୍ତି, ବିଜ୍ଞାନ ତଥା ପରିବେଶ ସମ୍ବନ୍ଧୀୟ ବାର୍ତ୍ତା ପରିବେଷଣ ଲକ୍ଷ ନେଇ ଅନୁଷ୍ଠିତ ଏହି ବିଜ୍ଞାନ ନାଟକ କାର୍ଯ୍ୟକ୍ରମରେ ଜିଲାର ୫ ବ୍ଲକର ୬ ଦଳ ଭାଗ ନେଇଥିଲେ। କୋଲାବିରା ବ୍ଲକ ସମାସିଂହାର କ୍ଷୀରୋଦ ଗୌନ୍ତିଆ (କେ.ଜି.) ବାଳିକା ଉଚ୍ଚ ବିଦ୍ୟାଳର ଛାତ୍ରୀମାନେ ଉତ୍ତମ ପ୍ରଦର୍ଶନ କରି ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ଦ୍ୱିତୀୟ ସ୍ଥାନରେ ଡିଏଭି ବନହରପାଲି ଓ ତୃତୀୟ ସ୍ଥାନରେ ବ୍ରଜରାଜନଗର ଓପିଏମ୍ ବାଳିକା ହାଇସ୍କୁଲ ରହିଛି। କାର୍ଯ୍ୟକ୍ରମର ମୁଖ୍ୟ ବିଷୟ ବିଜ୍ଞାନ ଓ ସମାଜ ଥିବାବେଳେ ଏହାର ଉପବିଷୟ ସ୍ୱଚ୍ଛ ଭାରତ ଆମେ ଗଢ଼ିବା ବିଷୟବସ୍ତୁକୁ ନେଇ ନାଟକ ପ୍ରତିଯୋଗିତା ଆୟୋଜନ ହୋଇଥିଲା। ଏଥିରେ ବିଚାରକ ଭାବେ ଝାରସୁଗୁଡ଼ା ଲକ୍ଷ୍ମୀନାରାୟଣ ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟାପକ ମୋହନ ନାଏକ, ଡ୍ରାମା ଗବେଷକ ନରହରି ପଟେଲ, ଡ୍ରାମା ବିଶାରଦ ପ୍ରମୋଦ ମେହେର ପ୍ରମୁଖ ଯୋଗଦେଇଥିଲେ। ଜିଲା ଶିକ୍ଷା କାର୍ଯ୍ୟାଳୟ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଜିଲାଶିକ୍ଷା ଅଧିକାରୀ ମିତ୍ରଭାନୁ କଚ୍ଛପ, ବିଜ୍ଞାନ ଶିକ୍ଷା ନିରୀକ୍ଷକ ଜ୍ଞାନରଞ୍ଜନ ମିଶ୍ର, ବାଳିକା ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ପୁରୁଷୋତ୍ତମ ପଟେଲ, ସହକାରୀ ଶିକ୍ଷକ ସଚ୍ଚୀନ୍ଦ୍ର କୁମାର ପଟେଲ ପ୍ରମୁଖ ଯୋଗଦେଇଥଲେ। କୃତିତ୍ୱ ଅର୍ଜନ କରିଥିବା ଦଳଗୁଡ଼ିକ ଆସନ୍ତା ୮ ତାରିଖରେ ସୋନପୁରଠାରେ ଆୟୋଜିତ ହେବାକୁ ଥିବା ଜୋନ୍‌ସ୍ତରୀୟ ପ୍ରତିଯୋଗିତାରେ ଭାଗନେବେ ବୋଲି ସୂଚନା ଦିଆଯାଇଛି।



ସମାସିଂହା କେଜି ବାଳିକା ଉଚ୍ଚ ବିଦ୍ୟାଳୟ ଛାତ୍ରୀମାନେ।

# କାଦୁଅ ପଚପଚ ଅଲ୍‌ଟ୍ରାଟେକ୍ ରାସ୍ତା

**କିର୍ମିରା,୧।୮(ଡି.ଏନ୍.ଏ.)**

ଝାରସୁଗୁଡ଼ା ଜିଲା ଅର୍ଡା ପଞ୍ଚାୟତ ଧୁତୁରାସ୍ଥିତ ଅଲଟ୍ରାଟେକ୍ ରାସ୍ତା ସାମାନ୍ୟ ବର୍ଷାରେ ଅତ୍ୟନ୍ତ ଶୋଚନୀୟ ହୋଇପଡୁଛି। ରାସ୍ତା ପୁନର୍ନିର୍ମାଣ କରା ନ ଯାଇ କେବଳ ମରାମତି ନାମରେ ମାଟି ଓ କାରଖାନା ଆବର୍ଜନା ପକାଇ ସମତଳ କରି ଦିଆଯାଇଛି। ତେବେ ବର୍ଷା ହେଲେ ଏହା ଚିକ୍କଣ ପେଷ୍ଟ ଭଳି କାଦୁଅ ପଚପଚ ହୋଇ ଦୁର୍ଘଟଣାକୁ ଆମନ୍ତ୍ରଣ କରୁଛି। କାରଖାନା ନିଜ ସମ୍ମୁଖ ରାସ୍ତାକୁ ସଜାଡ଼ି ପାରୁ ନ ଥିବାରୁ ଅଞ୍ଚଳରେ ଅସନ୍ତୋଷ ପ୍ରକାଶ ପାଇଛି।



ଅଲ୍‌ଟ୍ରାଟେକ୍ ରାସ୍ତା।



ଆମ ପୋଲିସ ସମିତି ବୈଠକରେ ଉପସ୍ଥିତ ପୋଲିସ ଅଧିକାରୀ ଓ ଜନସାଧାରଣ।

# ଆମ ପୋଲିସ ସମିତି ବୈଠକ

**କିର୍ମିରା,୧।୮(ଡି.ଏନ୍.ଏ.)**

ଝାରସୁଗୁଡ଼ା ଜିଲା ଲଇକେରା ଥାନା ପରିସରରେ ଆମ ପୋଲିସ ସମିତି ବୈଠକ ହୋଇଛି। ଥାନା ଅଧିକାରୀ ବିଶ୍ୱପତି ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ସୁଶିଲ କୁମାର ପଟେଲ, ହେମସାଗର ବେହେରା, ସନ୍ତୋଷ ପଟେଲ, ଅଜୟ ଶର୍ମା, ନିର୍ମଳ ପଧାନ, ଆନନ୍ଦ ଅଗ୍ରୱାଲ, ଏଏସ୍‌ଆଇ ଉଦୟଭାନୁ ଦେବଙ୍କ ସମେତ ସଚେତନ ନାଗରିକ ଓ ପୋଲିସ କର୍ମଚାରୀ ଉପସ୍ଥିତ ଥିଲେ। ଥାନା ଅଧିକାରୀ ଉପସ୍ଥିତ ବ୍ୟକ୍ତିମାନଙ୍କୁ ଆଇନର ବିଭିନ୍ନ ଦିଗ ବିଷୟରେ ଅବଗତ କରାଇବା ସହ ଅପରାଧ ନିୟନ୍ତ୍ରଣରେ ଲୋକଙ୍କ ସହଯୋଗ କାମନା କରିଥିଲେ।

■ ଢାବାରେ ନାବାଳକଙ୍କ ସନ୍ଦେହଜନକ ମୃତ୍ୟୁ ଘଟଣା

# ଆଇଆଇସିଙ୍କୁ ଆକ୍ରମଣ ମାମଲାରେ ୧୩ ଗିରଫ

**ବାଲିଆପାଳ,୧।୮(ଡି.ଏନ୍.ଏ./ସ୍ୱ.ପ୍ର.)**

ବାଲେଶ୍ୱର ଜିଲା ବାଲିଆପାଳ ଥାନା ଇଡ୍‌କୋ ଛକସ୍ଥିତ ରାଜଧାନୀ ଢାବାରେ ନାବାଳକଙ୍କ ସନ୍ଦେହଜନକ ମୃତ୍ୟୁ ଘଟଣାକୁ ୭ଦିନ ପୂରିଲାଣି। ଏହି ଘଟଣାର ମୁଖ୍ୟ ଅଭିଯୁକ୍ତ କୁହାଯାଉଥିବା ଢାବା ମାଲିକ ସାହାବୁଦ୍ଦିନ ସାହାଙ୍କ ଟେର୍ ପାଇପାରିନି ପୋଲିସ। ଅନ୍ୟପକ୍ଷରେ ବାଲିଆପାଳ ଆଇଆଇସି ପ୍ରଭୁ କଲ୍ୟାଣ ଆଚାର୍ଯ୍ୟଙ୍କୁ ଆକ୍ରମଣ ଘଟଣାରେ ପୋଲିସ ପ୍ରତିଶୋଧ ପରାୟଣ ହୋଇ ରାତିଅଧିଆ ଚଢ଼ାଉ କରି ୧୩ ଜଣଙ୍କୁ ଗିରଫ କରି ଗୁରୁବାର କୋର୍ଟ ଚାଲାଣ କରିଛି । ପୋଲିସ ଆହୁରି ଅଧିକ ଲୋକଙ୍କୁ ଗିରଫ କରିବା ଲାଗି ତାଲିକା ପ୍ରସ୍ତୁତ କରୁଥିବା ଜଣାପଡ଼ିବା ପରେ ସ୍ଥାନୀୟ ଅଞ୍ଚଳବାସୀଙ୍କ ମଧ୍ୟରେ କୋକୁଆ ଭୟ ସୃଷ୍ଟି ହୋଇଛି।

ଗତ ଜୁଲାଇ ୨୬ ତାରିଖରେ ଉକ୍ତ ଢାବାରେ କାମ କରୁଥିବା ଭୋଗରାଇ ବ୍ଲକ ଓଲୁଡା ଗ୍ରାମର ନାବାଳକ ବିଜୟ ଦଳାଇ(୧୫)ଙ୍କ ମୃତଦେହ ଉଦ୍ଧାର କରାଯାଇଥିଲା। ତାଙ୍କୁ ହତ୍ୟା କରାଯାଇଥିବା ପରିବାର ଲୋକେ ଅଭିଯୋଗ କରିଥିଲେ। ଢାବା ମାଲିକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଏବଂ କ୍ଷତିପୂରଣ ଦାବିକରି ମୃତକଙ୍କ ପରିବାର ଏବଂ ଜନସାଧାରଣ ରାସ୍ତାରୋକୋ ସହ ଆନ୍ଦୋଳନ କରିଥିଲେ। ତତ୍କାଳୀନ ଆଇଆଇସି ଆଚାର୍ଯ୍ୟ ସେଠାରେ ପହଞ୍ଚି ଏହା ଏକ ଆତ୍ମହତ୍ୟା ବୋଲି ମନ୍ତବ୍ୟ ଦେବା ପରେ ସ୍ଥାନୀୟ ଲୋକେ ଉତ୍ତେଜିତ ହୋଇପଡ଼ିଥିଲେ। ପରେ ସେମାନେ ଆଇଆଇସିଙ୍କୁ ଗୋଡ଼ାଇ ଗୋଡ଼ାଇ ମାଡ଼ ମାରିଥିଲେ। ଉତ୍ତେଜନା ଲାଗି ରହିଥିବାରୁ ସେଠାରେ ପୋଲିସ ଫୋର୍ସ ମୁତୟନ କରାଯାଇଥିଲା। ପୋଲିସ ଉପରେ ଆକ୍ରମଣକୁ ନେଇ ବୁଧବାର ରାତିରେ ଏକ ସ୍ୱତନ୍ତ୍ର ଟିମ୍ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ୧୩ ଜଣଙ୍କୁ ଗିରଫ କରିଥିଲା। ସେମାନେ ହେଲେ ଭାଜପା ନେତା ମନୋଜ କୁମାର ସି, ସୁଶାନ୍ତ ଜେନା, ପ୍ରଭାକର ଜେନା, ସେକ୍ ଲୁଲୁ, ଖରିଫ ମହମ୍ମଦ, ଗୋପାଳ କୃଷ୍ଣ ମହାପାତ୍ର, ଅମିୟ ମହାପାତ୍ର, ଚୈତନ୍ୟ ଜେନା, ଦୀନବନ୍ଧୁ ଗିରି, ଶାନ୍ତନୁ କରଣ, ବରେନ୍ଦ୍ର ପ୍ରଧାନ, ମନ୍ମଥ ମହୁରୀ, ମୃଷା ଜେନା ପ୍ରମୁଖ। ଗିରଫ ୧୩ ଜଣଙ୍କୁ ସୁରକ୍ଷା ଦୃଷ୍ଟିରୁ ବାଲିଆପାଳ ଥାନାରେ ରଖା ନ ଯାଇ ରୂପ୍‌ସା ଥାନା ହେପାଜତରେ ରଖାଯାଇଥିଲା। ଗୁରୁବାର ପୂର୍ବାହ୍ନରେ ରୂପ୍‌ସା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ସମସ୍ତଙ୍କର ସ୍ୱାସ୍ଥ୍ୟ ପରୀକ୍ଷା ପରେ କୋର୍ଟ ଚାଲାଣ କରାଯାଇଛି। ଢାବା ମାଲିକଙ୍କୁ ଗିରଫ କରିବାକୁ ମୃତ ନାବାଳକଙ୍କ ପରିବାର ଓ ଅଞ୍ଚଳବାସୀଙ୍କ ପକ୍ଷରୁ ଦାବି ହୋଇଛି। ଗିରଫ ହୋଇଥିବା ଭାଜପା ନେତା ମନୋଜ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି ଯେ, ପୋଲିସକୁ ମାଡ଼ ଘଟଣାରେ ସେ ସମ୍ପୃକ୍ତ ନ ଥିଲେ ହେଁ ତାଙ୍କୁ ଉଦ୍ଦେଶ୍ୟମୂଳକ ଭାବେ ଗିରଫ କରାଯାଇଛି। ବାଲେଶ୍ୱର ଏମ୍‌ପିଙ୍କ ଲୋକ ସଭା କ୍ଷେତ୍ର ପ୍ରତିନିଧି ଉମାକାନ୍ତ ମହାପାତ୍ର ଏ ସମ୍ପର୍କରେ ବାଲିଆପାଳ ଥାନା ଆଇଆଇସି ରଣଜିତ୍ ସାହୁଙ୍କ ସହ ଆଲୋଚନା କରିଛନ୍ତି। ନିରୀହ ଜନସାଧାରଣଙ୍କୁ ବାଦ୍ ଦେଇ ପ୍ରକୃତ ଦୋଷୀଙ୍କ ବିରୋଧରେ ପୋଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁ ବୋଲି ସେ ଦାବି କରି କହିଛନ୍ତି।